### ହୋଟେଲରେ କନଷ୍ଟେବଲ ଶଙ୍କରଭାନୁ ହତ୍ୟା ଘଟଣା

# ୭ ଦିନ ପରେ ବି ଅଭିଯୁକ୍ତର ସନ୍ଧାନ ପାଉନି ପୁଲିସ

**ବଲାଙ୍ଗିର, ୨୩।୫(ସମିସ)**

ସହରର ମୁଖ୍ୟସ୍ଥାନରେ ଥିବା ହୋଟେଲରେ ବେଆଇନ ଗଞ୍ଜେଇ କାରବାର ସନ୍ଦେହରେ ଜଣେ ପୁଲିସ କନଷ୍ଟେବଲଙ୍କୁ ହତ୍ୟା ଘଟଣାରେ ଜଡ଼ିତ ଅଭିଯୁକ୍ତର ସନ୍ଧାନ ପାଉନି ପୁଲିସ। ୧୭ ତାରିଖରେ ହୋଇଥିବା ହତ୍ୟା ଘଟଣାରେ ଅଭିଯୁକ୍ତ ରାଜ୍ୟ ବାହାରର ହୋଇଥିବା ବେଳେ ଏବେବି ହତ୍ୟା ପଛର କାରଣ କଣ ପୁଲିସ ପରଦା ହଟାଇବାରେ ବିଫଳ ହୋଇଛି।

ସୂଚନାଅନୁଯାୟୀ, ଗତ ୧୭ ତାରିଖରେ ବଲାଙ୍ଗିର ରେଲଷ୍ଟେସନ ନିକଟରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲର ରୁମ ନଂ ୨୧୨ରୁ ସନ୍ଦେହଜନକ ଅବସ୍ଥାରେ ଏକ ମୃତଦେହ ଉଦ୍ଧାର ହୋଇଥିଲା। ଉଦ୍ଧାର ମୃତଦେହଟି ସୋନପୁର ଅଞ୍ଚଳର ପୁଲିସ କନଷ୍ଟେବଲ ଶଙ୍କରଭାନୁ ବେହେରାଙ୍କ ବୋଲି ଜଣାପଡ଼ିଥିଲା। ମୃତ ଶ୍ରୀ ବେହେରା କିଛି ମାସ ପୂର୍ବରୁ ଗଞ୍ଜେଇ କାରବାର ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ତେବେ ତାଙ୍କୁ କିଏ ଏହିଭଳି ଭାବେ ହତ୍ୟା କରି ଫେରାର ମାରିଲା, କାହିଁକି ତାଙ୍କୁ ହତ୍ୟା କରାଗଲା ସେନେଇ ପୁଲିସ ତଦନ୍ତ ଆରମ୍ଭ



କରିଥିଲା। ତଦନ୍ତ ସମୟରେ ଉକ୍ତ ରୁମ୍‌ଟି ୧୬ ତାରିଖରୁ ବୀରେନ ସିଂ ନାମକ ଜଣେ ଯୁବକଙ୍କ ନାମରେ ବୁକିଂ କରାଯାଇଥିଲା। ସେ ଧାନ୍‌ବାଦ ଅଞ୍ଚଳରୁ ମେଡିକାଲ କାମରେ ବଲାଙ୍ଗିର ଆସିଥିବା ଦର୍ଶାଯାଇଥିଲା। ଜଣଙ୍କର ପରିଚୟପତ୍ରରେ ବୁକ୍ ହୋଇଥିବା ଏହି ରୁମରେ ଏକାଧିକ ବ୍ୟକ୍ତି ଯିବା ଆସିବା କରିଥିବା ସିସିଟିଭି ଫୁଟେଜରୁ ପୁଲିସ ଜାଣିବାକୁ ପାଇଥିଲା। ଏପରିକି ୧୭ ତାରିଖରେ ବୀରେନ୍‌ଙ୍କ ସହ ଆଉ କିଛି ଯୁବକ ରୁମ୍‌ରୁ ବାହାରିଥିବା ମଧ୍ୟ ପୁଲିସ ଜାଣିବାକୁ ପାଇଛି। ହତ୍ୟା କରିବା ପରେ ଶଙ୍କରଭାନୁଙ୍କ କାର୍ ନେଇ ଉକ୍ତ ଯୁବକମାନେ ଫେରାର ମାରିଥିବା ବେଳେ ଖୁଜେନପାଲିରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ସମସ୍ତେ ଗାଡ଼ି ଛାଡ଼ି ଫେରାର ହୋଇଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିବା ପାଇଁ ଛାନଭିନ ଚଳାଇଥିବା ସୂଚନା ଦେଇଥିଲା। ଏହି ଘଟଣାକୁ ପ୍ରାୟ ୭ ଦିନ ବିତିଯାଇଥିବା ବେଳେ ଏବେ ବି ରହସ୍ୟରେ ହୋଇରହିଛି। ହତ୍ୟା କରିଥିବା ଯୁବକ ମାନେ କିଏ ଏବଂ ସେମାନଙ୍କ ସହ ଶଙ୍କରଭାନୁର କଣ ସମ୍ପର୍କ ରହିଥିଲା। ଗଞ୍ଜେଇ କାରବାରକୁ ନେଇ ଏହି ହତ୍ୟା କରାଯାଇଛି ନା ଘଟଣା ପଛରେ ଆଉ କିଛି କାରଣ ରହିଛି ସେନେଇ ପ୍ରଶ୍ନ ଉଠୁଥିବା ବେଳେ ପୁଲିସ ଏହି ସବୁ ପ୍ରଶ୍ନରେ ନୀରବତା ଅବଲମ୍ବନ କରିଛି। ତଦନ୍ତ ବାହାନାରେ ଦିନ ଗଡୁଥିବା ବେଳେ ପୁଲିସ କର୍ମଚାରୀଙ୍କ ବେଆଇନ କାରବାର ପ୍ରଘଟ ହେଲେ ପୁଲିସ ବିଭାଗ ଛବି ଖରାପ ହେବାର ଭୟ ମଧ୍ୟ ରହିଛି। ଏହିସବୁ ଭିତରେ ଏକ ହୋଟେଲ ଭିତରେ ଜଣେ ଯୁବକଙ୍କୁ ହତ୍ୟା କରାଗଲା କିନ୍ତୁ କେହି କିଛି ଜାଣିପାରିଲେ ନାହିଁ ତାହା ମଧ୍ୟ ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ହୋଟେଲକୁ କିଏ କେଉଁ କାମ ପାଇଁ କେଉଁଠୁ ଆସୁଛନ୍ତି। ତାହାର ବିଶଦ ବିବରଣୀ ରଖିବାର ନିୟମ ରହିଛି। କିନ୍ତୁ ବଲାଙ୍ଗିରରେ ଥିବା ହୋଟେଲଗୁଡ଼ିକରେ କାମ ଚଲାଇବା ପାଇଁ ଗୋଟିଏ ପରିଚୟପତ୍ର ହେଲେ ରୁମ୍ ବୁକିଂ ହେଉଥିବା ଦେଖିବାକୁ ମିଳିଛି। ଏହାର ସୁଯୋଗ ନେଇ ହୋଟେଲ ଭିତରେ ବେଆଇନ କାରବାର ଚାଲୁଥିବା ସ୍ପଷ୍ଟ ହୋଇଛି। ପୂର୍ବରୁ ଜୁଆ, ସଟ୍ଟା, ଦେହ କାରବାର ହୋଟେଲ ଭିତରେ ଚାଲିଥିବା ବେଳେ ପୁଲିସ ଚଢ଼ଉ କରିସାରିଛି। ତଥାପି ନିୟମକୁ ଉଲଂଘନ କରାଯାଉଥିବା ବେଳେ ପୁଲିସ ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ଢାବାରେ ମରଣାନ୍ତକ ଆକ୍ରମଣ ଘଟଣା; ୪ ଗିରଫ

**ବଲାଙ୍ଗିର, ୨୩।୫(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ସହର ମହେଶ କେଡିଆଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟ ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୯ ତାରିଖରେ ତୁଷୁରା ନିକଟସ୍ଥ ଏକ ଢାବାକୁ ତାଙ୍କୁ ଡାକି ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏନେଇ ତାଙ୍କ ସ୍ତ୍ରୀ ଅଭିଯୋଗ କରିବା ପରେ ପୁଲିସ ଚାରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଗିରଫ କରିନଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ଗତ ୧୮ ତାରିଖରେ ମହେଶ କେଡିଆ ଘରକୁ ଫେରିଥିଲେ। ଘରକୁ ଆସିବା ବେଳେ ପଡ଼ୋଶୀ ନିରଞ୍ଜନ କେଡିଆ ତାଙ୍କୁ ନିକଟସ୍ଥ ଏକ ଢାବାରେ ଛାଡ଼ିଦେବାକୁ କହିଥିଲେ। ମହେଶ ତାଙ୍କୁ ଢାବା ନେବା ବାଟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ନିରଞ୍ଜନ କେଡିଆ ମହେଶଙ୍କୁ ଗାଳିଗୁଲଜ କରିବା ସହ ଭିଡିଓ କରି ଭାଇରାଲ କରିଥିଲେ। ପରେ ୧୯ ତାରିଖରେ ପୁଣି ମନୋଜ ହରପାଲି ନାମକ ଜଣେ ଯୁବକ ଉକ୍ତ ଢାବାକୁ ଡାକିଥିଲେ। ସେଠାକୁ ଯିବା ପରେ ସେ ପାଞ୍ଚ ହଜାର ଟଙ୍କା ଦେବାକୁ କହିଥିଲେ। ପରେ ଅଧିକ ଟଙ୍କା ଦାବି କରିଥିଲେ। ଟଙ୍କା ନଦେବାରୁ ଢାବାରେ କାମ କରୁଥିବା କର୍ମଚାରୀଙ୍କ ସହ ମିଶି ତାଙ୍କୁ ମାଡ଼ ମାରିଥିଲେ। ପରେ ଢାବା ପଛପଟକୁ ନେଇ ଲୁହାଛଡ଼ରେ ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ତାଙ୍କର ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଏପରିକି ତାଙ୍କୁ ହତ୍ୟା କରିବା ପାଇଁ ଅଞ୍ଚଳର କିଛି ପ୍ରଭାବଶାଳୀ ବ୍ୟକ୍ତି ଟଙ୍କା ଦେଇଥିବା ନେଇ ମଧ୍ୟ ମନୋଜ ହରପାଲ କହିଥିଲା। ପରେ ତାଙ୍କ ମୋବାଇଲ ନେଇ ୪୦ ହଜାର ଟଙ୍କା ଏକ ଆକାଉଣ୍ଟକୁ ଫୋନ୍ ପେରେ ଜବରଦସ୍ତି ପଠାଇଥିବା ବେଳେ ସୁନାଚେନ୍ ଓ ସ୍କୁଟି ଲୁଟ କରିଥିବା ନେଇ ଗତ ୨୦ ତାରିଖରେ ତାଙ୍କ ସ୍ତ୍ରୀ ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ବେଳେ ଘଟଣାରେ ଜଡ଼ିତ ଟୁନା ବାରିକ, ପ୍ରହ୍ଲାଦ ବିହାଲ, ସୁଜିତ ମାଝୀ ଓ ପ୍ରଫୁଲ୍ଲ ପାଣିଗ୍ରାହୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇନଥିବା ଜଣାପଡ଼ିଛି। ଏନେଇ ପୁଲିସ ତନାଘନା ଜାରି ରଖିଥିବା ସୂଚନା ମିଳିଛି।

## ନିମ୍ନମାନର କାମ ଯୋଗୁଁ ଉଠୁଛି ପିଚୁ



**ତୁରକେଲା, ୨୩।୫(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ତୁରକେଲା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନରେ ନୂତନ ରାସ୍ତା କାମ ଚାଲିଛି। ଏହି କାମ ଅତି ନିମ୍ନମାନର ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏଦିଗରେ ବିଭାଗୀୟ ଯନ୍ତ୍ରୀ ତଦନ୍ତ କରିବା ଜରୁରୀ ହୋଇପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱକୁ ଏକ ସଙ୍ଗେ ଖୋଳି ଦେଉଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଠିକାଦାରଙ୍କ ଖାମ୍‌ଖିଆଲି ମନୋଭାବ ପାଇଁ ଲୋକେ ଗମନାଗମନର ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପ୍ରଶସ୍ତୀକରଣ କାମ ଚାଲିଥିବାବେଳେ କେବଳ ୬ ଇଞ୍ଚର ଗାତ ଖୋଳି ପାଉଁଶ ଏବଂ ବାଲାଷ୍ଟକୁ ଜେସିବି ସାହାଯ୍ୟରେ ମିଶାଇ ରାସ୍ତାରେ ପକାଯାଉଛି। ଏହା ଉପରେ ପାଣି ଦିଆଯାଉ ନଥିବାରୁ ରାସ୍ତାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତାରେ ନୂତନ ପିଚୁ ହୋଇଥିବାବେଳେ ସେହି ପିଚୁ ମଧ୍ୟ ଉଠୁଥିବା ଅନେକ ସ୍ଥାନରେ ନଜିର ରହିଛି। ଠିକାଦାର ନିମ୍ନମାନର କାମ କରୁଥିବାରୁ ଅଭିଯୋଗ ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ଭୂମିକା ନେଇ ମଧ୍ୟ ସନ୍ଦେହ ହେଉଥିବା ବେଳେ ପରୋକ୍ଷ ଭାବେ ଅନିୟମିତତା କରିବାକୁ ସେମାନଙ୍କୁ ସମର୍ଥନ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ରାସ୍ତା କାମରେ ଲାଗିଥିବା ସାମଗ୍ରୀର ମାନକୁ ନେଇ ସନ୍ଦେହ ଉପୁଜିଛି। ଏହି କାମର ଉଚ୍ଚସ୍ତରୀୟ ତଦନ୍ତ କରି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଓମ୍‌ଭେଲି ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଟିଟିଲାଗଡ଼, ୨୩।୫(ସମିସ):** ସିବିଏସ୍‌ଇ ପରିଚାଳିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଓମଭେଲି ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ଅର୍ଜନ କରିଛନ୍ତି। ୨୦୨୩-୨୪ ଶିକ୍ଷାବର୍ଷ ଦଶମ ଶ୍ରେଣୀରେ କୁମାରୀ ଆକାଂକ୍ଷା ସିଂ ୯୬.୪ ପ୍ରତିଶତ ନମ୍ବର ରଖି ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଯୁକ୍ତ ଦୁଇ ବିଜ୍ଞାନରେ କୁମାରୀ ଦୀପ୍ତିମୟୀ ସାହୁ ୯୨ ପ୍ରତିଶତ ଏବଂ ବାଣିଜ୍ୟରେ



ଶ୍ରୀମାନ ରୋହିତ ଜୈନ ୮୭.୨ ପ୍ରତିଶତ ନମ୍ବର ରଖି ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଦଶମ ଶ୍ରେଣୀର ମୋଟ ୯୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪ ଜଣ ଛାତ୍ରଛାତ୍ରୀ ଆକାଂକ୍ଷା ସିଂ ୯୬.୪, ସାଧନା ଅଗ୍ରୱାଲ ୯୬, ସୁଶ୍ରୀ ସମୀକ୍ଷା ୯୬, ଅନିଶ ରଞ୍ଜନ ୯୪.୪, ତନୟା ଓତା ୯୩.୬, ଅଞ୍ଜଳି ସାହୁ ୯୩.୬, ଆଦର୍ଶ ପଟ୍ଟନାୟକ ୯୩.୪, ଗୌରୀ ବେହେରା ୯୨.୪, ଆୟୁଷ ମହାପାତ୍ର ୯୧.୮, ମେହେକ ଅଗ୍ରୱାଲ ୯୦.୮, ମାନସ ରଞ୍ଜନ ସାହୁ ୯୦.୬, ବି.ଗାୟତ୍ରୀ ୯୦.୪, ସଂସ୍କୃତି ପାଣିଗ୍ରାହୀ ୯୦.୪ ମୁଦିତ ଜୈନ ୯୦.୨ ଉତ୍ତୀର୍ଣ୍ଣ ହୋଇଛନ୍ତି।୨୧ ଜଣ ୮୦ରୁ ୯୦ ପ୍ରତିଶତ, ୬୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଦୀପ୍ତିମୟୀ ସାହୁ ୯୨, ଐଶ୍ୱର୍ଯ୍ୟା ଦୀପ ଝୁନ ଝୁନ ୱାଲା ୯୦.୬ଙ୍କ ସମେତ ୭୦ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ବାଣିଜ୍ୟରେ ରୋହିତ ଜୈନ ୮୬.୨, ରିତିଷା ଅଗ୍ରୱାଲ ୭୫.୫ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ବିଦ୍ୟାଳୟ ତରଫରୁ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ କୃତୀ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପ୍ରସାଦ ମିଶ୍ର ଶିକ୍ଷାର ଉଦ୍ଦେଶ୍ୟ ଏବଂ ଭବିଷ୍ୟତ ନିର୍ମାଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।

## କଣ୍ଟାବାଞ୍ଜିରେ ଜମୁଛି ତାଳସଜ ବେପାର



**କଣ୍ଟାବାଞ୍ଜି, ୨୩।୫(ସମିସ):** ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଖରାତାତିରେ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଛି ଥଣ୍ଡା ଜାତୀୟ ଖାଦ୍ୟ କଣ୍ଟାବାଞ୍ଜି ଅଞ୍ଚଳରେ ଏବର୍ଷ ତାଳସଜ ବେପାର ଜମୁଥିବା ଦେଖିବାକୁ ମିଳୁଛି। ତାଳସଜରେ ଜଳୀୟଅଂଶ ଥିବାରୁ ଖରାଦିନେ ଏହା ଶରୀର ପାଇଁ ବେଶ ଉପକାରୀ। କଷି ତାଳରେ ସାଧାରଣତଃ ପାଣି ଥିବାବେଳେ ଏହା ପାଟିକୁ ବେଶ ସୁଆଦିଆ ଲାଗିଥାଏ ଏବଂ ଏହା ଶରୀରକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଏହି ଫଳରେ ଭିଟାମିନ ବି, ଆଇରନ୍, ପୋଟାସିୟମ, ଫସ୍‌ଫରସ୍, କ୍ୟାଲସିୟମ ରହିଥିବାରୁ ଶରୀର ପାଇଁ ଲାଭଦାୟକ ହୋଇଥାଏ। ଏଥି ସହିତ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ ରଖୁବା, ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଓ ସୁଗରକୁ ନିୟନ୍ତ୍ରଣ କରିବାରେ ତାଳସଜ ସହାୟକ ହୋଇଥାଏ। ବିଭିନ୍ନ ଛକ, ରାସ୍ତା କଡ଼, ଜନଗହଳି ପୂର୍ଣ୍ଣଛକରେ ଗାଁ ଗହଳିର ଲୋକେ ତାଳସଜ ବିକ୍ରି କରୁଥିବା ଦେଖୁବାକୁକୁ ମିଳିଛି। ଗ୍ରାହକମାନେ ମଧ୍ୟ ତାଳସଜକୁ କିଣି ବେଶ ଆନନ୍ଦ ସହକାରେ ଖାଉଛନ୍ତି। କଅଁଳ ସୁଆଦିଆ ତାଳସାଜ ଖାଇବାକୁ ସବୁ ବର୍ଗର ଲୋକଙ୍କ ଭିଡ଼ ଜମୁଛି। ଅତି ସୁନ୍ଦର ଭାବେ ବେପାରୀମାନେ ତାଳକୁ କାଟି ସେଥିରୁ ସଜ ବାହାର କରି ଗ୍ରାହକଙ୍କୁ ବିକ୍ରି କରୁଛନ୍ତି। ପାଖାପାଖୁ ଏକ ମାସ ଧରି ବିକ୍ରି ହେଉଥିବା ଉକ୍ତ ତାଳସଜକୁ ଗଛରୁ ତୋଳି ଆଣି ବିକ୍ରି କରି ରୋଜଗାରକ୍ଷମ ହେଉଛନ୍ତି ଅଞ୍ଚଳର ଯୁବକ।

## ମାଲପଡ଼ା ନାଗରିକ କମିଟିର ସଭା

**ବଲାଙ୍ଗିର, ୨୩।୫(ସମିସ):** ବଲାଙ୍ଗିର ନାଗରିକ କମିଟି ମାସିକିଆ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପଡ଼ାର ଯଥା ୱାର୍ଡ ନଂ.୧୪ ଓ ୧୫ ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନାମାନ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବାସିନ୍ଦାମାନେ ସୁଚାରୁ ରୂପେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ନିୟମିତ ସମୟରେ ପାନୀୟ ଜଳ ବଣ୍ଟନ ପାଇଁ ଅନୁରୋଧପତ୍ର ବିଭାଗକୁ କରିବା ପାଇଁ ସ୍ଥିରକୃତ ହୋଇଛି। ଜଳଛତ୍ର ଦେବା ପାଇଁ ମ୍ୟୁନିସିପାଲିଟିଙ୍କୁ ଅନୁରୋଧ କରାଯାଇଛି। ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଗୋପବନ୍ଧୁ ପୁରୋହିତ, ପଞ୍ଚାନନ ସେଠ, ତରୁଣ କୁମାର ମିଶ୍ର, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଆକୁଳ ବେହେରା ଆଦି ବହୁ ସଦସ୍ୟ ଯୋଗ ଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ବିଫଳ




**ପୁଇଁନ୍ତଲା, ୨୩।୫(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ଅନ୍ତର୍ଗତ ବଇରାସର ଠାରେ ଏଟିଏମ୍‌ରୁ ଟଙ୍କା ଲୁଟ ଉଦ୍ୟମ ହୋଇଥିବା ଜଣାପଡ଼ିଛି। ଏଥିରେ ଲୁଟେରାମାନେ ବିଫଳ ହୋଇଥିବା ବେଳେ ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ବୁଧବାର ରାତ୍ରିରେ ପୁଇଁନ୍ତଲା ଥାନା ବଇରାସରରେ ଥିବା ଏସ୍‌ବିଆଇର ଏଟିଏମ୍‌କୁ ଭାଙ୍ଗି କିଛି ଲୁଟେରା ଲୁଟ୍ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଲୁଟେରାମାନେ ଏଟିଏମ୍‌ରୁ ଲୁଟ୍ କରିନପାରି ଫେରାର ହୋଇଥିଲେ। ତେବେ ଏହା ଜାଣିବା ପରେ ପୁଇଁନ୍ତଲା ପୁଲିସର ଏକ ଟିମ ବଇରାସର ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଶ୍ରୀଗଙ୍ଗାମାଈ ପୂଜା ମହୋତ୍ସବ ପାଇଁ ଶୁଭଖମ୍ବ ସ୍ଥାପନ

**କଣ୍ଟାବାଞ୍ଜି, ୨୩।୫(ସମିସ):** ଚଳିତ ମାସ ୩୦ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଶ୍ରୀଗଙ୍ଗାମାଈ ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ସେଥି ପାଇଁ ଶ୍ରୀଗଙ୍ଗାମାଈଙ୍କ ମନ୍ଦିର ପରିସରରେ ଶୁଭଖମ୍ବ ସ୍ଥାପନ କରାଯାଇଛି। ପୂଜାରେ କର୍ତ୍ତା ଭାବେ ନାଗେଶ୍ୱର ଦୀପ ଓ ରିଙ୍କି ଦୀପ ଉପସ୍ଥିତ ଥିବାବେଳେ ପଣ୍ଡିତ ପ୍ରସନ୍ନ ତ୍ରିପାଠୀ ଖମ୍ବ ସ୍ଥାପନ ପାଇଁ ପୂଜା କରିଥିଲେ। ଏହି ସମୟରେ ଜସପାଳ ସୁନା, କୈଳାଶ ଦୀପ, କୈଳାଶ ବନଛୋର, ସୁରେଶ ରାଓ, ଅଭିମନ୍ୟୁ ଜାଲ, ସୁନିଲ ଦୀପ, ସଜୟ ଜୈନ, ବିଷ୍ଣୁ ଦୀପ, ରାକେଶ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଆସନ୍ତା ୩୦ ତାରିଖରେ ମା'ଙ୍କ ମୁଣ୍ଡରୁ ପୁଷ୍ପପୂଜାର ଆଦେଶ, ୩୧ ରୁ ଜୁନ ୩ ତାରିଖ ପର୍ଯ୍ୟନ୍ତ ମା'ଙ୍କ ସହରର ପରିକ୍ରମା ଏବଂ ପ୍ରତ୍ୟେକ ଦିନ ସକାଳ ୯ଘଣ୍ଟାରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକନୃତ୍ୟ, ଡାପ, ଦୁଲଦୁଲୀ, ବାଜନିଆ ଇତ୍ୟାଦି କାର୍ଯ୍ୟକ୍ରମ ହେବ। ସେହିପରି ୪ ତାରିଖ ବଳି ପୂଜା, ୫ରେ ଖନ୍ଦାଚାଳ କାର୍ଯ୍ୟକ୍ରମ ରହିଛି। ଭକ୍ତଙ୍କ ମନୋରଞ୍ଜନ ପାଇଁ ସଂସ୍କୃତି କାର୍ଯ୍ୟକ୍ରମ ସହ ମେଳାର ଆୟୋଜନ କରାଯାଇଛି।



# କଣ୍ଟାବାଞ୍ଜିର ଭୋଟରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା

**କଣ୍ଟାବାଞ୍ଜି, ୨୩।୫(ସମିସ)**

ମୁଖ୍ୟମନ୍ତ୍ରୀ ତଥା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜିର ଭୋଟରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ସୁଖ ସମୃଦ୍ଧି କାମନା କରିଛନ୍ତି। ଆଗାମୀ ଦିନରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀକୁ ଏକ ମଡେଲରେ ପରିଣତ କରିବାକୁ ସମସ୍ତ ପ୍ରୟାସ ଆରମ୍ଭ ହୋଇସାରିଛି। ଜଳସେଚନ, ପିଇବା ପାଣି, ଜମି ଜମା ସମସ୍ୟା, ପମ୍ପୁ ତଳାବର ବିଶ୍ୱ ସ୍ତରୀୟ ଉନ୍ନତିକରଣ, କପା ଚାଷୀ ସମସ୍ୟା, ଟେକ୍ସଟାଇଲ, ସିମେଣ୍ଟ ପ୍ଲାଣ୍ଟ, ପିରାମିଡ୍ ଧ୍ୟାନ କେନ୍ଦ୍ର, ମଠ, ମନ୍ଦିର, ଚର୍ଚ୍ଚ ଗୁରୁଦ୍ୱାରା



ତଥା ମସଜିଦର ଉନ୍ନତିକରଣ ପ୍ରତି ଧ୍ୟାନ ଦିଆଯିବ। ଆଗାମୀ ଦିନରେ ବିକାଶର ଧାରା ଦ୍ରୁତ ଗତିରେ ଆଗେଇବ ନିଆଯିବ। ଏଥିସହ ମା' ଓ ଭଉଣୀମାନଙ୍କ ସମସ୍ୟା ଉପରେ ଅଧିକ ଦୃଷ୍ଟି ରହିବ। ସମସ୍ତେ କିପରି ସୁଖଶାନ୍ତିରେ ରହିବେ ଉପରୁ ଉଦ୍ୟମ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ତାଙ୍କ ନିର୍ବାଚନ ଏଜେଣ୍ଟ ସୀତାଂଶୁ ତ୍ରିପାଠୀ ମତପ୍ରକାଶ କରିଛନ୍ତି। ପ୍ରବଳ ଖରା ସତ୍ତ୍ୱେ ବହୁ ସଂଖ୍ୟାରେ ଭୋଟ ଦାନ କରିଥିବାରୁ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ସାଧୁବାଦ ଜଣାଇଛନ୍ତି।

## ନିର୍ବାଚନ ପରେ ଅନ୍ୟ ଜିଲ୍ଲାର ପ୍ରାର୍ଥୀଙ୍କ ପାଇଁ କସରତ କରୁଛନ୍ତି ବଲାଙ୍ଗିର ବିଜେଡି ନେତା

**ବଲାଙ୍ଗିର, ୨୩।୫(ସମିସ):** ବଲାଙ୍ଗିର ଜିଲ୍ଲାରେ ନିର୍ବାଚନ ସରିବା ପରେ ଅନ୍ୟ ଜିଲ୍ଲା ନିର୍ବାଚନରେ ବିଜେଡି ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରୁଛନ୍ତି ବଲାଙ୍ଗିରର ବିଜେଡି ନେତା। ଗତ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ବଲାଙ୍ଗିର ଜିଲ୍ଲାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ସରିବା ପରେ କିଏ କେଉଁଠି ଜିତିବ, କିଏ କେଉଁ ପଞ୍ଚାୟତରୁ କେତେ ଭୋଟ ପାଇଲା ସେନେଇ ଅନ୍ୟ ଦଳର ନେତାମାନେ ଅଙ୍କ କଷୁଥିବା ବେଳେ ବିଜେଡି ପ୍ରାର୍ଥୀ କିନ୍ତୁ; ଅନ୍ୟ ଜିଲ୍ଲାର ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର ମଙ୍ଗ ଧରିଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଜିଲ୍ଲାର ଟାଣୁଆ ଯୁବ ନେତା ତଥା ପାଟଣାଗଡ଼ ବିଧାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ସେହିପରି ଲୋଇସିଂହା ବିଜେଡି ପ୍ରାର୍ଥୀ ନିହାର ରଞ୍ଜନ ବେହେରାଙ୍କୁ ଦଳ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରିଛି। ଅନ୍ୟପକ୍ଷରେ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାନଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ଦାୟିତ୍ୱ ପ୍ରଦାନ କରିଛନ୍ତି। ଆୟୁବ ଖାନ ଚଳିତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇନଥିଲେ। ମୁଖ୍ୟମନ୍ତ୍ରୀ ଏହି ଆସନରୁ ପ୍ରାର୍ଥୀ ହେବା ପରେ ତାଙ୍କର ନିର୍ବାଚନୀ ଦାୟିତ୍ୱରେ ମଧ୍ୟ ଆୟୁବ ଖାନ ରହିଥିଲେ। ବର୍ତ୍ତମାନ ଏହି ୩ ବିଜେଡି ନେତା ଦାୟିତ୍ୱ ପାଇଥିବା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବା ସହ ଦଳ କିଭଳି ବିଜୟୀ ହେବ ସେନେଇ ଅଙ୍କ କଷୁଥିବା ଜଣାପଡ଼ିଛି।

# ଦିଲ୍ଲୀରେ କଳାହାଣ୍ଡିଆ ଆମ୍ବର ଆଦର

## ପ୍ରଥମ ପର୍ଯ୍ୟାୟରେ ଗଲା ୨୦ ମେଟ୍ରିକ ଟନ୍

**ଭବାନୀପାଟଣା, ୨୩।୫(ସମିସ)**






ଏବେ ନୂଆଦିଲ୍ଲୀ ବଜାରରେ ମିଳିବ କଳାହାଣ୍ଡିଆ ଆମ୍ବ। ପ୍ରଥମ ଥର ପାଇଁ କଳାହାଣ୍ଡିର ଏହି ସ୍ୱାଦିଷ୍ଟ ଆମ୍ବ ଦିଲ୍ଲୀ ପଠାଯାଇଛି। ଓରମାସ ସଂସ୍ଥାର ଉଦ୍ୟମ କ୍ରମେ ଗୁରୁବାର ୨୦ ମେଟ୍ରିକ ଟନ ଆମ୍ବ ଟିଟିଲାଗଡ଼ ଷ୍ଟେସନରୁ ରେଳ ଯୋଗେ ଦିଲ୍ଲୀ ପଠାଯାଇଛି। ଆମ୍ବ ପ୍ୟାକେଟ୍ ଗୁଡିକରେ ଓଡ଼ିଶା ଆମ୍ବ ଲେଖାଯାଇଥିବା ଷ୍ଟିକରିଂ ହୋଇଛି। ଦିଲ୍ଲୀର ମଦର୍ ଡାଇରୀ ସହିତ ଯୋଗଯୋଗ କରି ଏହି ଆମ୍ବ ପଠାଯାଉଛି। କଳାହାଣ୍ଡିର ଏହି ସ୍ୱାଦିଷ୍ଟ ଆମ୍ବର ଦିଲ୍ଲୀରେ ଚାହିଦା ବୃଦ୍ଧି ପାଇଥିବାରୁ ପରବର୍ତ୍ତୀ ପର୍ଯ୍ୟେରେ ଅଧିକରୁ ଅଧିକ ଆମ୍ବ ଦିଲ୍ଲୀ ପଠାଯିବାର ଯୋଜନା ରହିଛି। କଳାହାଣ୍ଡି ଫୁଡ୍ ଏଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଏହି ଆମ୍ବ ବିକ୍ରିର ଦାୟିତ୍ୱ ବହନ କରିଛି। ପ୍ରଥମ ଥର ପାଇଁ ଆମ୍ରପଲି, ଲେଙ୍ଗଡା ଓ ମଲ୍ଲିକା କିସମର ଆମ୍ବ ପଠାଯାଇଛି। ଓରମାସ ପକ୍ଷରୁ ନର୍ଲା ବ୍ଲକ ଅନ୍ତର୍ଗତ ବିଭିନ୍ନ ଚାଷୀଙ୍କ ସହ ଯୋଗଯୋଗ କରି ଟନ ଟନ ଆମ୍ବ ପଠାଇବାରେ ସଫଳ ହୋଇଛନ୍ତି। ଏଥର କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୫ ହଜାର ଟନରୁ ଉର୍ଦ୍ଧ୍ୱ ଆମ୍ବ ହୋଇଥିବା ଉଦ୍ୟାନ ବିଭାଗ ପକ୍ଷରୁ ସୂଚନା ମିଳିଛି। କ୍ରମାଗତ ଭାବେ ଭବାନୀପାଟଣା ସହର ସମେତ ଜିଲ୍ଲାର ଅନ୍ୟାନ୍ୟ ସହରାଞ୍ଚଳରେ ଦୈନିକ ୧ ଟନରୁ ଅଧିକ ଆମ୍ବ ବିକ୍ରିବଟା ଚାଲିଛି। କିନ୍ତୁ ଏଥର ପ୍ରଚୁର ପରିମାଣରେ ଆମ୍ବ ହୋଇଥିବା ଯୋଗୁଁ ଆମ୍ବ ମାଲିକ ଆଶାନୁରୂପକ ଅର୍ଥ ରୋଜଗାର କରିବାରେ ସଫଳ ହୋଇପାରି ନାହାନ୍ତି। ଗତ ବର୍ଷଠାରୁ ଓରମାସ ପକ୍ଷରୁ ଆମ୍ବଚାଷୀମାନଙ୍କୁ ଆମ୍ବସଢ଼ା ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ପରବର୍ତ୍ତୀ ସମୟରେ କଳାହାଣ୍ଡି ଫୁଡ୍ ଆଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଏହି ଆମ୍ବସଢ଼ାର ବିକ୍ରି ଦାୟିତ୍ୱ ନେବ। ଅନ୍ୟାନ୍ୟ ବର୍ଷ ତୁଳନାରେ ପ୍ରଚୁର ପରିମାଣର ଆମ୍ବ ଯୋଗୁଁ ଚାଷୀ ଶାଗମାଛ ଦରରେ ବିହାର, ରାଞ୍ଚି, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଭୁବନେଶ୍ୱରକୁ ଟ୍ରକ ଟ୍ରକ୍ ଆମ୍ବ ପଠାଇଥିବା ଲକ୍ଷ୍ୟ କରାଯାଇଛି। ଭବାନୀପାଟଣା ସଦର ବ୍ଲକ ସମେତ ଜିଲ୍ଲାର ଲାଞ୍ଜିଗଡ଼, ଥୁଆମୂଳ ରାମପୁର, କୋକସରା, ଜୟପାଟଣା, ନର୍ଲା, ଧର୍ମଗଡ଼, କଳମପୁର, ଜୁନାଗଡ଼, କେସିଙ୍ଗା, ଭବାନୀପାଟଣା, କର୍ଲାମୁଣ୍ଡା, ଗୋଲାମୁଣ୍ଡା ଓ ମଦନପୁର ରାମପୁର ଆଦି ଅଞ୍ଚଳରେ ୧୨ ହଜାର ହେକ୍ଟର ଜମିରେ ଆମ୍ବ ଗଛ ଥିବା ବେଳେ ୩ ହଜାର ଚାଷୀଙ୍କ ୧୧ ହଜାର ହେକ୍ଟର ଜାଗାରେ ଏଥର ଆମ୍ବ ଫଳିଛି। ଏହି ଅଞ୍ଚଳ ଗୁଡିକରେ ବାଇଗଣପଲ୍ଲୀ, ନିଲମ୍, ସୁବର୍ଣ୍ଣରେଖା, ଆଖୁରସ, ତୋଟାପୁରୀ, ଲେଙ୍ଗଡା, ଦଶେରୀ, ଆମ୍ରପଲୀ, ମଲ୍ଲିକା, ଅର୍କକିରଣ, ରତ୍ନା, ଅର୍କପୁନିତା ସହ ବିଭିନ୍ନ ଦେଶୀ ପ୍ରଜାତିର ଆମ୍ବ ଉତ୍ପାଦିତ ହେଇଥାଏ। ଏସବୁ ଆମ୍ବର ସ୍ୱାଦ ନିଆରା ଥିବାରୁ ଜିଲ୍ଲା ତଥା ଜିଲ୍ଲା ବାହାରେ ଏହାର ଯଥେଷ୍ଟ ଚାହିଦା ବଢୁଛି। ଏହି ଆମ୍ବ ଋତୁରେ ହେକ୍ଟର ପିଛା ୫ ଟନରୁ ଅଧିକ ଆମ୍ବ ଫଳୁଥିବା ଦେଖିବାକୁ ମିଳିଛି। ବିଡମ୍ବନାର କାରଣ ଏହିକି ଯେ ଚଳିତ ବର୍ଷ ଆମ୍ବ ଚାଷୀ ଓ ଆମ୍ବ ବଗିଚା ମାଲିକମାନେ ଶସ୍ତାରେ ବେପାରୀ ହାତକୁ ଟେକି ଦେଇ ପସ୍ତାଉଛନ୍ତି। ଜିଲ୍ଲାରେ ଶୀତଳ ଭଣ୍ଡାର ଓ ଆମ୍ବ ପ୍ରକ୍ରିୟାକରଣ ୟୁନିଟ ନ ଥିବା ଏବଂ ଉପଯୁକ୍ତ ବଜାର ବ୍ୟବସ୍ଥା ନ ଥିବା ଯୋଗୁଁ ପ୍ରତିବର୍ଷ ଆମ୍ବ ଚାଷୀ ଅଧିକ ଲାଭ ପାଇପାରୁ ନାହାନ୍ତି। ଗତଥର ଆମ୍ବର ବ୍ୟାପକ ଉତ୍ପାଦନକୁ ଦେଖି ଏକ ଆମ୍ବ ପସରା ଷ୍ଟଲ୍ ମାଧ୍ୟମରେ ପ୍ରାୟ ୭ ଲକ୍ଷରୁ ଅଧିକ ଟଙ୍କାର ଆମ୍ବ ବିକ୍ରି କରିପାରିଛି। ପ୍ରଶାସନ ତଥା ଓରମାସ ସଂସ୍ଥା ବଜାର ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଆମ୍ବ ଚାଷୀ ଦୁଇ ପଇସା ଅଧିକ ରୋଜଗାର କରିବା ସହିତ ସମଗ୍ର ଦେଶରେ କଳାହାଣ୍ଡି ଆମ୍ବର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରନ୍ତା।

# ଅବ୍ୟବସ୍ଥା ଘେରରେ କଳମପୁର କୃଷି ଉଦ୍ୟାନ କାର୍ଯ୍ୟାଳୟ



**କଳମପୁର, ୨୩।୫(ସମିସ):** କଳମପୁର କୃଷି ଉଦ୍ୟାନ କାର୍ଯ୍ୟାଳୟ ଏବେ ଅବବ୍ୟସ୍ଥା ଘେରରେ ଚାଲିଛି। ପୂର୍ବରୁ କଳମପୁର ବ୍ଲକରେ କୃଷି ଉଦ୍ୟାନ କାର୍ଯ୍ୟାଳୟ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ କାର୍ଯ୍ୟାଳୟ ନିର୍ମାଣ କଲେ। ନିର୍ମାଣ ହେବାର କିଛି ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇ ନ ଥିଲା। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିବାରୁ ପ୍ରାୟ କିଛି ବର୍ଷ ହେବ ଉକ୍ତ ଅଫିସ କାର୍ଯ୍ୟକାରୀ ହୋଇ ଆସୁଛି। କାର୍ଯ୍ୟାଳୟ ସିନା ନିର୍ମାଣ ହୋଇଗଲା ହେଲେ ଏପର୍ଯ୍ୟନ୍ତ ଆବଶ୍ୟକତା ଅନୁସାରେ ଆନୁସଙ୍ଗିକ ବ୍ୟବସ୍ଥା ହୋଇପାରିନାହିଁ। ଏହି କାର୍ଯ୍ୟାଳୟକୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଏପରିକି ଶୌଚାଳୟ ଅଛି ହେଲେ ପାଣିର ବ୍ୟବସ୍ଥା ନାହିଁ। ଉକ୍ତ କାର୍ଯ୍ୟାଳୟକୁ ଜଳଯୋଗାଣ ବ୍ୟବସ୍ଥା ହୋଇ ନ ଥିବାରୁ ଚାରା ଗୁଡିକ ପାଣି ବିହୁନେ ନଷ୍ଟ ହେଉଛି। ଅଫିସ ପରିସର ଖାଲ ଥିବାରୁ ବର୍ଷା ପାଣି ସର୍ବଦା ଜମି ରହୁଛି। ପାଚେରୀ ନିର୍ମାଣ ହୋଇ ନ ଥିବାରୁ ବୁଲା ଗାଈଗୋରୁ ଚାରା ନଷ୍ଟ କରୁଛନ୍ତି। ରାତ୍ର ଜଗୁଆଳି ନିଯୁକ୍ତି ହୋଇନାହାନ୍ତି। ଏକ ଶୀତଳଭଣ୍ଡାରର ଆବଶ୍ୟକତା ଥିବାବେଳେ ତାହା ମଧ୍ୟ ହୋଇନାହିଁ। ଏହି କାର୍ଯ୍ୟାଳୟକୁ ଲକ୍ଷାଧିକ ଟଙ୍କାର ବିଭିନ୍ନ କିସମର ଚାରା ଓ ସାମଗ୍ରୀ ଆସୁଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଛି। ଜଣେ ମାତ୍ର ମହିଳା କର୍ମଚାରୀଙ୍କ ଦ୍ୱାରା ଏହି କାର୍ଯ୍ୟାଳୟ ଚାଲିଛି। ଏ ସମ୍ପର୍କରେ ବିଭାଗୀୟ ଓଭରସିୟର ସୂର୍ଯ୍ୟକାନ୍ତି ଶବରଙ୍କୁ ପଚାରିବାରୁ ସେ ଏ ବିଷୟରେ ଏକାଧିକ ଥର ଉପରସ୍ଥ ଜିଲ୍ଲା ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି।

# ସିନାପାଲିରେ ସନ୍ଥକବି ଭୀମ ଭୋଇ ଜୟନ୍ତୀ



**ସିନାପାଲି, ୨୩।୫(ସମିସ):** ସ୍ଥାନୀୟ ହାଇସ୍କୁଲ ପରିସର ଏନସିସି ଗୃହରେ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ଗୁରୁବାର ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ସମିତିର ସଭାପତି ଯୁବ ଲେଖକ ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥଲେ। ଏଥିରେ ଅତିଥି ଭାବେ ବରିଷ୍ଠ କବି ମୁରଲୀଧର ସା ଓ ଶିକ୍ଷକ ପରେଶନାଥ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସନ୍ଥକବି ଭୀମ ଭୋଇଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ତାଙ୍କ ଚେତନାମୟ ଜୀବନ ଓ ମାନବ କଲ୍ୟାଣ ନିମନ୍ତେ ସମର୍ପିତ ଭାବକୁ ନେଇ ଆଲୋଚନା କରାଯାଇଥିଲା। ଏଥିସହ ଆଜି ଯୋଗଜନ୍ମା ମହାପୁରୁଷ ଗୌତମ ବୁଦ୍ଧଙ୍କ ଜନ୍ମତିଥି ହୋଇଥିବାରୁ ତାଙ୍କ ଆଦର୍ଶ ଜୀବନକୁ ମଧ୍ୟ ସ୍ମରଣ କରାଯାଇଥିଲା। ଯୁବକବି ପ୍ରଦ୍ୟୁମ୍ନ ସିଂହ ଚିନ୍ଦାଙ୍କ ସଂଯୋଜନାରେ ଭ୍ରମର ବାଗ, ରଶ୍ମିରଂଜନ ସା, ନିଳାଂଚଳ ମେହେର, ଲଳିତ ସୁନାରୀ, ହରେକୃଷ୍ଣ ମେହେର, ଗୌତମ ମେହେର, ଗୋବିନ୍ଦ ସରାଫ, ମନୋଜ ଜଗତ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ବ୍ୟଙ୍ଗକବି ନୀଳାଞ୍ଚଳ ମେହେର ଧନ୍ୟବାଦ ଦେଇଥିଲେ।

# ରାୟପୁରରେ ଚିକିତ୍ସାଧୀନ ଯବାନଙ୍କୁ ଭେଟିଲେ ଏସ୍‌ପି

- ମାଓବାଦୀଙ୍କ ଗୁଳିରେ ଗୁରୁତର ହୋଇଛନ୍ତି
- ତଣ୍ଟିରେ ବାଜିଥିଲା ଗୁଳି
- ସପ୍ତାହେ ହେଲା ଚିକିତ୍ସା ଜାରି
- ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି



**ନୂଆପଡ଼ା, ୨୩।୫(ସମିସ):** ନୂଆପଡ଼ା ଜିଲ୍ଲା ସୀମାନ୍ତ ତଥା ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳରେ କମ୍ବିଂ ଅପରେସନ ବେଳେ ମାଓବାଦୀଙ୍କ ଗୁଳିରେ ଆହତ ଯବାନ ପ୍ରକାଶ ସାହି ପଡୋଶୀ ରାୟପୁରରେ ଚିକିତ୍ସିତ ହେଉଛନ୍ତି। ନୂଆପଡ଼ା ଏସ୍‌ପି ଜି.ଆର.ରାଘବେନ୍ଦ୍ର ରାୟପୁର ଯାଇ ପ୍ରକାଶଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି।

ସୁନାବେଡା ଅଭୟାରଣ୍ୟର ଶିବନାରାୟଣପୁର ଗାଁ ଜଙ୍ଗଲ ଅଞ୍ଚଳରେ ୧୮ ତାରିଖ ଏସ୍‌ଓଜି ଯବାନମାନେ କମ୍ବିଂ ଅପରେସନ କରି ରାତିରେ ଏକ ନିର୍ଦ୍ଦିଷ୍ଟ ଜାଗାରେ ବିଶ୍ରାମ ନେଉଥିଲେ। ଏହି ସମୟରେ ମାଓବାଦୀ ଅତର୍କିତ ଆକ୍ରମଣ କରିଥିଲେ। ମାଓବାଦୀଙ୍କ ଗୁଳିରେ ପ୍ରକାଶ ସାହି ନାମକ ଜଣେ କମାଣ୍ଡୋଙ୍କ ଗଳାରେ ଗୁଳି ବାଜିଥିଲା। ତାଙ୍କୁ ପ୍ରଥମେ ଗରିଆବନ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଛନ୍ତି। ତେବେ ଏସ୍‌ପି ଭେଟିବା ପରେ ଦେଶ ସେବା ଲାଗି ତାଙ୍କ ମନବଳ ଦ୍ୱିଗୁଣିତ ହୋଇଯାଇଛି।

# କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ଘର

**ଥୁଆମୂଳ ରାମପୁର, ୨୩।୫(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣାଠାରେ କାଳବୈଶାଖିର ପ୍ରଭାବ ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ଣ ସାଢେ ୪ଟାରେ ପ୍ରବଳ ଝଡ ତୋଫାନ ହେବା ଫଳରେ ଗ୍ରାମପଞ୍ଚାୟତ ମୁଖ୍ୟାଳୟ ସ୍ଥିତ ବଗିଚା ପଡ଼ା ବସ୍ତିର ଚନ୍ଦ୍ର ଦୁର୍ଗାଙ୍କ ଘରର ଆଜବେଷ୍ଟସ ସମ୍ପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହେବା ସହ ଘରେ ଥିବା ଆସବାବପତ୍ର ଓ ରାସନ ସାମଗ୍ରୀ ନଷ୍ଟ ହୋଇଛି। ନିଜ ଭଙ୍ଗା ଘରକୁ ଚିନ୍ତାରେ ପଡ଼ିଛନ୍ତି ଚନ୍ଦ୍ରଙ୍କ ପରିବାର। ଏ ଦିଗରେ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।



# ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ଲଡୁଗାଁ, ୨୩।୫(ସମିସ):** କୋକସରା ବ୍ଲକ ଲଡୁଗାଁ ସୁନାମାଲ ନିକଟରେ ଥିବା ପୋଲର ବୁଲାଣି ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ବାଇକ୍ ଚାଳକ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଗୁରୁତର ଯୁବକ ଜଣକ ହେଲେ କାଉଡୋଳା ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ତାରିଣୀ ସୁନା (୨୬)। ସେ ସୁନାମାଲକୁ କୌଣସି କାମରେ ଆସି କେନ୍ଦୁଗୁଡା ଫେରୁଥିଲେ। ତେବେ ସ୍ଥାନୀୟ ଯୁବ ସାମ୍ବାଦିକ ତ୍ରିଲୋକ୍ୟ ବେଶ୍ରା ପହଞ୍ଚି ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କୋକସରା ଡାକ୍ତରଖାନା ପଠାଇଥିଲେ।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର



**ସିନାପାଲି, ୨୩।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ରେଞ୍ଜ ଗୋର୍ଲା ପଞ୍ଚାୟତ ଖିପ୍ରିମାଲ ଗ୍ରାମର ଜଣେ ମହିଳା ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଏହି ମହିଳା ଜଣକ ହେଲେ ଖିପ୍ରିମାଲ ଗ୍ରାମର ଚରଣ ନିଆଲଙ୍କ ସ୍ତ୍ରୀ ଜୈମନି ନିଆଲ (୪୦)। ଗ୍ରାମର କିଛି ମହିଳାଙ୍କ ସହ ସେ ସ୍ଥାନୀୟ ବୈଜେଲପୁର ଲିପଟ ଟୁଏଣ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସମେସ୍ତ କେନ୍ଦୁପତ୍ର ତୋଳୁଥିବା ବେଳେ ହଠାତ ଏକ ଭାଲୁ ଜୈମନିଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଅନ୍ୟମାନେ ତାଙ୍କୁ ଭାଲୁ କବଳରୁ ଉଦ୍ଧାର କରି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

# ଭାଟିଗାଁରେ ବୁଦ୍ଧ ପୂର୍ଣ୍ଣିମା ଓ ଭୀମ ଭୋଇଙ୍କ ଜୟନ୍ତୀ



**କଳମପୁର, ୨୩।୫(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଅନ୍ତର୍ଗତ ଭାଟିଗାଁ ଆମ୍ବତୋଟାଠାରେ ଗୁରୁବାର ବୁଦ୍ଧ ପୂର୍ଣ୍ଣିମା ତଥା ରାଷ୍ଟ୍ରସନ୍ଥ ଭୀମଭୋଇଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସମାରୋହରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ତଥା ଜିଲ୍ଲା ଭାରତ ମୁକ୍ତି ମୋର୍ଚ୍ଚା ଓ ବାମ୍ ସେଫ୍ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମେ ଭଗବାନ ବୁଦ୍ଧ, ସନ୍ଥକବି ଭୀମଭୋଇ ଓ ବାବା ସାହେବ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇ ପଞ୍ଚଶିଳ ତ୍ରିଶରଣ ଗାନ କରାଯାଇଥିଲା। ମଣ୍ଡଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଜନବାଦୀ ନେତା ତଥା ନିୟମଗିରି ସୁରକ୍ଷା ସମିତିର ଆବାହକ ଲିଙ୍ଗରାଜ ଆଜାଦ୍, ମୁଖ୍ୟବକ୍ତା ରାଷ୍ଟ୍ରୀୟ ମହିମା ଧର୍ମ ସଂଘର ରାଷ୍ଟ୍ରୀୟ ପ୍ରଭାରୀ ଠାକୁର ମଙ୍ଗରାଜ, ସମ୍ମାନିତ ଅତିଥି ଭାବରେ ଯୁବ ଆମ୍ବେଦକରବାଦୀ ସାମନ୍ତ ଦୁର୍ଗା, ରାଜ୍ୟ ଭାରତ ମୁକ୍ତିମୋର୍ଚ୍ଚା ଉପସଭାପତି ଲବ କରୁଆ, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା କଳାହାଣ୍ଡି ଜିଲ୍ଲା ସଭାପତି ଆଦିତ୍ୟ ହଂସ ଯାଦବ, ଅତୋଜ ତିରମୁନ, ଜତିନ୍ଦ୍ର କର, ରଜନୀକାନ୍ତ ଛତ୍ରିଆ, ସୂର୍ଯ୍ୟ କୁମାର, ରବିନାରାୟଣ ବେହେରା, ବସନ୍ତ ନିଆଲ, ମହେନ୍ଦ୍ର ବାବା ତଥା କଳମପୁର ବ୍ଲକ ଅନୁସୂଚିତ ଜାତି ବିକାଶ ପରିଷଦର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ନିଆଲ ପ୍ରମୁଖ ମଞ୍ଚାସୀନ ଥିଲେ। ଭାରତ ମୁକ୍ତିମୋର୍ଚ୍ଚାର କଳାହାଣ୍ଡି ଜିଲ୍ଲା ସଭାପତି ମାଧବ ସୁନାନୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ହରପ୍ରସାଦ ନିଆଲ, ରାଜେଶ ନାଏକ, ଗୋପାଳ ଧଙ୍ଗଡା ମାଝୀ ବୁଦ୍ଧ ବନ୍ଦନା ଓ ତ୍ରିଶରଣ ପଠନ କରିଥିଲେ। ସମାରୋହରେ ଗ୍ରାମର ଜୟସେନ ବାଗ, ଗଣେଶ ରାମ ବାଗ, ସୁରେଶ ଚନ୍ଦ୍ର ବାଗ, ପଦ୍ମ କିଶୋର ନାଏକ, ଭୀମସେନ ବାଗ, ମଜିନ୍ଦ୍ର ପାଲ, ନରସିଂହ ବାଗ ଓ ଯଶୋବନ୍ତ ବାଗ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସମାଜସେବୀ ନୀଳକଣ୍ଠ ସୁନାନିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ବୁଦ୍ଧ ମୂର୍ତ୍ତି ସ୍ଥାପନ ପାଇଁ ଭୂମି ପୂଜନ ଉତ୍ସବ



**ଚାରବାହାଲ, ୨୩।୫(ସମିସ):** ବୁଦ୍ଧ ବିଚାର ମଞ୍ଚ ପକ୍ଷରୁ ଚାରବାହାଲ ବସଷ୍ଟାଣ୍ଡଠାରେ ଗୁରୁବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଏହାସହ ସ୍ଥାନୀୟ ମାର୍କେଟ କମ୍ପ୍ଲେକ୍ସଠାରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ସତ୍ୟଭାମା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବୁଦ୍ଧଙ୍କ ସ୍ମୃତି ଚାରଣ କରିବା ସହିତ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସାମୂହିକ ବୁଦ୍ଧ ବନ୍ଦନା ଗାନ କରାଯାଇଥିଲା। ପରେ ମୁଖ୍ୟଅତିଥି ଶ୍ରୀମତୀ ପଣ୍ଡା ବସ୍‌ଷ୍ଟାଣ୍ଡସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ରାମ ନାରାୟଣ ପଣ୍ଡା ଓ ଭୀମ ଆର୍ମିର ଜିଲ୍ଲା ସଭାପତି ଧିମାନ ରଜନୀକାନ୍ତ ସମର୍ଲିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୁଦ୍ଧ ବିଚାର ମଞ୍ଚର ଆବାହକ ରବି ନାରାୟଣ ଚଲାନ, ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଚଲାନ, ଜୟଦେବ ଧଙ୍ଗଡାମାଝି, ଶୁଭମ୍ ସୁନାନୀ, ତପନ ଚଲାନ, ସନ୍ତୋଷ କର, ପଞ୍ଚୁ ମହାନନ୍ଦ, ବଳରାମ ହଂସ, ସଚ୍ଚିଦାନନ୍ଦ ଚଲାନ, ଲଛମନ ତାଣ୍ଡି ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଜୟଦେବ ଧଙ୍ଗଡାମାଝୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଫୁଲେ ସାହୁ ଆମ୍ବେଦକର ପାଠଶାଳାଠାରେ ମଧ୍ୟ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି।

## ଆଇପିଏଲ୍‌କୁ ନେଇ ସଟ୍ଟା କାରବାର

# କୋଟିପତି ନିଶାରେ ଯୁବଗୋଷ୍ଠୀ ଲଗାଉଛନ୍ତି ବେଟିଂ

**ଜୁନାଗଡ଼, ୨୩।୫(ସମିସ)**

କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହରରେ ଆଇପିଏଲ୍‌କୁ ନେଇ ସଟ୍ଟା କାରବାର ଜୋର ଧରିଛି। ବେଟିଂ ଜାଲରେ ଏବେ ଲୋକେ ଉବୁଟୁବୁ ହେଉଥିବା ବେଳେ ରାତାରାତି କୋଟିପତି ହେବା ନିଶାରେ ଯୁବଗୋଷ୍ଠୀ ସର୍ବସ୍ୱାନ୍ତ ହେଉଛନ୍ତି। ଆଇପିଏଲ ସଟ୍ଟା କାରବାରରେ ବାଜି ଲଗାଇ ଲୋକେ ଘରଦ୍ୱାର ଓ ଜମିବାଡ଼ି ବିକ୍ରି କରିଦେଉଥିବା ନଜରକୁ ଆସୁଛି। ଏହି ରାକେଟ୍‌ର ଚେର କଳାହାଣ୍ଡିରୁ ଆରମ୍ଭ କରି ପଡ଼ୋଶୀ ଜିଲ୍ଲାକୁ ଲମ୍ବିଛି। କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, ଜୟପାଟଣା, କେସିଙ୍ଗା, କଳମପୁର, କୋକସରା ସମେତ ବିଭିନ୍ନ ସହରରେ ପ୍ରତିଦିନ ଆଇପିଏଲ କ୍ରିକେଟ ବେଟିଂ ଦେଖିବାକୁ ମିଳୁଛି। ଆଇପିଏଲର ଦୁଇ ପ୍ରତିପକ୍ଷ ଟିମରେ କିଏ ଜିତିବ ଆଉ କିଏ ହାରିବ ସେ ନେଇ ଟଙ୍କା ବାଜି ଲଗାଯାଉଛି। ସେହିଭଳି ପ୍ରତି ଓଭର, ଛକା, ଉଇକେଟ, କ୍ୟାଚ, ଦଳଗତ ରନ ସ୍କୋର, ବ୍ୟାଟ୍ସମାନମାନଙ୍କ ବ୍ୟକ୍ତିଗତ ରନ ସ୍କୋରରେ ଲୋକେ ଟଙ୍କା ଲଗାଉଛନ୍ତି। ଯେଉଁ ଟିମରେ ଲୋକେ ଟଙ୍କା ଲଗାଉଛନ୍ତି ୨ ରୁ ୮୦ ଗୁଣ ଟଙ୍କା ମିଳିବ। ଯଦି ସେହି ଟିମ ହାରିଯାଏ ତେବେ ଟଙ୍କା ଲଗାଇଥିବା ଲୋକ ସର୍ବସ୍ୱାନ୍ତ ହେଉଛନ୍ତି। ବର୍ତ୍ତମାନ ଛୋଟ ଛୋଟ ବୁକିମାନେ ଲକ୍ଷ ଲକ୍ଷ ଟଙ୍କାର ଖେଳ କରୁଛନ୍ତି। ଫୋନ ମାଧ୍ୟମରେ ଏହି ଖେଳ ଚାଲୁଥିବା ବେଳେ ପୁଲିସ ନିଦାବିଷ୍ଣୁ ସାଜିଛି। ମହିଳାମାନେ ମଧ୍ୟ ବେଟିଂ ଲଗାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଜୁନାଗଡ଼ରୁ ହିଁ ଏହି ଆଇପିଏଲ ବେଟିଂ ସଟ୍ଟା ନିୟନ୍ତ୍ରଣ ହେଉଥିବା ଜଣାପଡ଼ିଛି। ସହରର ସମ୍ଭ୍ରାନ୍ତ ପରିବାରର ଜଣେ ଯୁବକ ଏହି ସଟ୍ଟା ବେଟିଂକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ଆଉ ଏହି ନେଟୱାର୍କ ଭବାନୀପାଟଣା, କେସିଙ୍ଗା, ଟିଟିଲାଗଡ଼, କଣ୍ଟାବାଞ୍ଜି ପର୍ଯ୍ୟନ୍ତ ଲମ୍ବିଥିବା ଜଣା ପଡ଼ିଛି। ଜୁନାଗଡ଼ ପୁଲିସ ମଧ୍ୟ ଏ ବାବଦରେ ଅଜ୍ଞ ଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଚାଲିଥିବା ବେଟିଂରେ ଧନୀକ ଶ୍ରେଣୀର ଯୁବକମାନେ ବାଜିରେ ଟଙ୍କା ଲଗାଉଛନ୍ତି। ଏ ଦିଗରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସଟ୍ଟା ଖେଳ ର୍‍ୟାକେଟ୍‌କୁ ଧରିବାକୁ ସାଧାରଣରେ ଦାବି ହେଉଛି।



ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଅବସରରେ ସୋନପୁର ଗୁଣ୍ଡିଚା ମନ୍ଦିରରେ ନୃସିଂହ ବାବାଙ୍କ ଦର୍ଶନ

# ସୁବର୍ଣ୍ଣପୁର ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ



ବିନା କଟନିରେ ଧାନ କିଣିବାକୁ ଚାଷୀ ସଂଗଠନର ଦାବି



ସୋନପୁର, ୨୩।୫(ସମିସ)

ସୁବର୍ଣ୍ଣପୁର ଜିଲ୍ଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଡୁଙ୍ଗୁରିପାଲି ଆରଏମ୍‌ସି ଅଧୀନ ବିନିକା ମାର୍କେଟୟାର୍ଡରୁ ଧାନ ସଂଗ୍ରହ ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ଅନ୍ୟା ଦାସ, ଆରଏମସି କର୍ମଚାରୀ, କୃଷି ଅଧିକାରୀ ଏବଂ ଏସଏଚଜି ମହିଳାଙ୍କ ଉପସ୍ଥିତିରେ ଧାନକ୍ରୟ ଆରମ୍ଭ ହୋଇଛି। ୬୦ ପାକ୍ସ ଏବଂ ୩୭ ଏସଏଚଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ଧାନ କିଣିବ। ଏକର ପ୍ରତି ଚାଷୀଙ୍କ ନିକଟରୁ ୨୬କୁଇଣ୍ଟାଲ ଧାନ କିଣାଯିବ। ଟୋକନ ଅବଧି ୧୫ ଦିନ ରହିଛି। ତେବେ ଧାନ କ୍ରୟ ଆରମ୍ଭ ଦିନ ଚାଷୀ ସଂଗଠନର କର୍ମକର୍ତ୍ତା ବିନିକା ଏବଂ ଡୁଙ୍ଗୁରିପାଲି ଗସ୍ତ କରି ଧାନ କ୍ରୟ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ବିନା କଟନି ଛଟନିରେ ଧାନ ଉଠାଇବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏହାସହ ଚାଷୀଙ୍କୁ ବସ୍ତା ଯୋଗାଣ, ୨୪ ଘଣ୍ଟା ଭିତରେ ଧାନ ଉଠାଇବା, ସବୁ ମଣ୍ଡିରେ ଚାଷୀଙ୍କ ପାଇଁ ପାଣି, ଶୌଚାଳୟ, ବିଶ୍ରାମ ବ୍ୟବସ୍ଥା କରିବା ଲାଗି ଦାବି କରାଯାଇଛି। ମଣ୍ଡିରେ ଅବ୍ୟବସ୍ଥା ହେଲେ ଅଭିଯୋଗ ପାଇଁ ହେଲ୍ପ ଲାଇନ୍ ଜାରି କରିବାକୁ ଜିଲ୍ଲାପାଳଙ୍କ ଆଗରେ ଚାଷୀ ନେତ୍ରୀ ସୋନାଲି ବିଶି ଦାବି କରିଛନ୍ତି। ଜିଲ୍ଲାର ୫୦ ମିଲର୍ସ ଗତ ଖରିଫରେ ଚାଷୀଙ୍କ ନିକଟରୁ ୩୫ ଲକ୍ଷ ୫୦ ହଜାର ୭ କୁଇଣ୍ଟାଲ ଧାନ ଉଠାଇଥିଲେ। ତଦନୁଯାୟୀ ମିଲର୍ସ ୨୪ଲକ୍ଷ ୨୮ ହଜାର ୧୩୯କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେବା କଥା; କିନ୍ତୁ ୨୧ ତାରିଖ ମଙ୍ଗଳବାର ସୁଦ୍ଧା ଜିଲାର ମିଲର୍ସମାନେ ମାତ୍ର ୧୪ଲକ୍ଷ ୭୦ହଜାର ୯୫୪ କୁଇଣ୍ଟାଲ ଅର୍ଥାତ୍ ୬୦.୫୮ଧ ଚାଉଳ ପ୍ରଦାନ କରିଛନ୍ତି। ନିୟମ ଅନୁଯାୟୀ ଏପ୍ରିଲ ଶେଷ ସୁଦ୍ଧା ମିଲର୍ସ ଶତ ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ପ୍ରଦାନ କରିଥିଲେ ରବିଋତୁ ଧାନ ସଂଗ୍ରହରେ ସାମିଲ ହୋଇପାରିବେ। ଆଉ ୯ ଲକ୍ଷ ୫୭ ହଜାର ୧୮୪ କୁଇଣ୍ଟାଲ ଚାଉଳ ୩୯.୪୨ଧ ଦେବାକୁ ବାକି ଅଛି। ମିଲର୍ସଙ୍କ ଗୋଦାମରେ ଧାନ ଭର୍ତ୍ତି ହୋଇରହିଛି। ତେଣୁ ମିଲର୍ସ ଧାନ ମିଲିଂ କରି ସରକାରଙ୍କୁ ଚାଉଳ ଦେବେ କି ମଣ୍ଡିରୁ ଧାନ ସଂଗ୍ରହ କରିବେ ସେ ନେଇ ଚିନ୍ତାରେ ଅଛନ୍ତି।

ଡୁଙ୍ଗୁରିପାଲି ଓ ବୀରମହାରାଜପୁ ରମହାରାଜପୁର ଆରଏମ୍‌ସି ଅଧୀନରେ ଏଥର ମୋଟ ୧୦୪ଟି ମଣ୍ଡି ଖୋଲିବ। ମଣ୍ଡି ଗୁଡିକ (ରବିବାର ବ୍ୟତିତ)ସପ୍ତାହକ ୬ଦିନ ଖୋଲା ରହିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଓ ଗ୍ରେଡ୍ -ଏ ଧାନ କୁଇଣ୍ଟାଲ ପ୍ରତି ୨୨୦୩ ଟଙ୍କା ରହିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ ହେବ।

## ୨ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ; ଅଭିଯୁକ୍ତ ଗିରଫ

**ବୌଦ୍ଧ, ୨୩।୫(ସମିସ):** ବୌଦ୍ଧ ରଇଠାଣୀ ଛକ ନିକଟରୁ ୨ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତକୁ



ବୌଦ୍ଧ ଥାନା ପୁଲିସ ଗିରଫ କରିଛି। ଗିରଫ ଯୁବକ ଜଣକ କର୍ଣ୍ଣାଟକ ରାଜ୍ୟ ହୁବଳି ଜିଲ୍ଲା ନାବନଗର ଗ୍ରାମର ଆଦର୍ଶ ଆଚାରୀ ବୋଲି ନିଜ ପରିଚୟ ଦେଇଛି। ଏକ ଜରି ବ୍ୟାଗରେ ଗଞ୍ଜେଇ ଧରି ସେ ଚାଲାଣ ପାଇଁ ରଇଠାଣୀ ଛକରେ ଛିଡା ହୋଇଥିବା ପୁଲିସକୁ ସୂଚନା ମିଳିଥିଲା। ସବ୍ ଇନ୍ସପେକ୍ଟର ସନ୍ତୋଷ ପାତ୍ରଙ୍କ ନେତୃତ୍ୱରେ ବୌଦ୍ଧ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ୨ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ୍ କରିବା ସହ ତାକୁ ଗିରଫ କରିଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନାରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ରଞ୍ଜିତ ମୁନୀ ସୂଚନା ଦେଇଛନ୍ତି।

## ଓଲଟିଲା ଖାଇବା ତେଲ ବୋଝେଇ ଟ୍ରକ୍



**ବୌଦ୍ଧ, ୨୩।୫(ସମିସ):** ବୌଦ୍ଧ ଥାନା ଲାଣ୍ଡିବନ୍ଧ ଭରତ ଢାବା ନିକଟରେ ବୁଧବାର ରାତି ପ୍ରାୟ ୩ରେ ଭାରସାମ୍ୟ ହରାଇ ଏକ ଖାଇବା ତେଲ ପେଟି ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଏହା ଭୁବନେଶ୍ୱରରୁ ଉମରକୋଟ ଯାଉଥିଲା। ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବିନିକା, ୨୩।୫(ସମିସ):** ପୋଖରୀରେ ବୁଡି ପ୍ରାଣ ହରାଇଥିବା ବିନିକା ବ୍ଲକ ବାଉଶୁଣି ଗ୍ରାମର କରୁଣାକର ମହାକୁର (୩୪)ଙ୍କ ଶବ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ବୁଧବାର ଅପରାହ୍ନରେ ସେ ଗ୍ରାମ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତଖାନାରେ ଭର୍ତ୍ତି କରିଥିଲେ; ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁରେ ଶବ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ନିକଟସ୍ଥ କେନାଲ ଶ୍ମଶାନଘାଟରେ ଶବ ସତ୍କାର ହୋଇଥିଲା। ତାଙ୍କ ବାପା ମୁଖାଗ୍ନି ଦେଇଥିଲେ। କରୁଣାଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ, ପୁଅ, ବାପା, ମା ଭାଙ୍ଗି ପଡ଼ିଛନ୍ତି।

### ଯମଘାଟିରେ ପାଣି ସମସ୍ୟା ନେଇ ତାତିଲେ ମହିଳା

## ପିଇବାକୁ ମିଳୁନି; ରାସ୍ତାରେ ଭାସୁଛି





**ବାଉଁଶୁଣି, ୨୩।୫(ସମିସ):** ବୌଦ୍ଧ ବ୍ଲକ ବାଉଁଶୁଣି ପଞ୍ଚାୟତର ଯମଘାଟି ଗ୍ରାମରେ ବସୁଧା ଯୋଜନାରେ ଯୋଗାଇ ଦିଆଯାଇଥିବା ପିଇବା ପାଣି ସମସ୍ୟା ନେଇ ମହିଳା ଉତ୍ତ୍ୟକ୍ତ ଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ପିଇବାକୁ ପାଣି ପାଉ ନାହାନ୍ତି। ଠିକା ସଂସ୍ଥାର ମନମାନି ଯୋଗୁଁ ପାଇପ୍ ଫାଟି ରାସ୍ତାରେ ଭାସୁଛି। ଏ ନେଇ ଗୁରୁବାର ଗ୍ରାମର ମହିଳାମାନେ ଉତ୍ତ୍ୟକ୍ତ ହୋଇ ଉଠିଛନ୍ତି। ପାଣି ସମସ୍ୟାର ସମାଧାନ ଦାବି କରିଥିଲେ। ଗତ ୧୫ ତାରିଖରେ ବାସୁଦେବ ଅଗ୍ରୱାଲାଙ୍କ ଗୋଦାମ ଗୃହକୁ ଲୁଣ ନେଇ ଆସିଥିବା ଏକ ୧୬ ଚକ ବିଶିଷ୍ଟ ଭାରିଯାନ ରାସ୍ତା କଡ଼ରେ ଫସି ରହିଥିଲା। ଟ୍ରକ୍‌କୁ ଉଠାଇବାକୁ ଆସିଥିବା ଜେସିବିକୁ ବାହାର କରିବା ବେଳେ ପାଣି ପାଇପ୍ ଫାଟି ରାସ୍ତାରେ ବହୁଥିବା ଓ କୌଣସି ଷ୍ଟାଣ୍ଡପୋଷ୍ଟରେ ପାଣି ଆସୁ ନ ଥିବା ଗ୍ରାମର ମହିଳା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଜାଗାରେ ପାଇପ୍ ଫାଟି ରାସ୍ତାରେ ପାଣି ଯାଉଥିଲେ ମଧ୍ୟ ଠିକା ସଂସ୍ଥା ମରାମତି କରୁନି। ଷ୍ଟାଣ୍ଡପୋଷ୍ଟରେ ଟ୍ୟାପ୍ ଲାଗି ନ ଥିବା ଅଭିଯୋଗ କରିଛନ୍ତି। ଏ ପ୍ରକାର ଅବ୍ୟବସ୍ଥା ନେଇ ଯମଘାଟି ଗ୍ରାମର ମହିଳାମାନେ ଏକତ୍ରିତ ହୋଇଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ନଚେତ୍ ପଞ୍ଚାୟତ ଅଫିସ୍ ଘେରଉ କରିବା ସହ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

## କପାସିରା ବୁଥ୍ ଦାୟିତ୍ୱରେ ଥିବା ସମସ୍ତ ୬ ପୋଲିଂ ଅଧିକାରୀ ନିଲମ୍ବିତ

**ବୌଦ୍ଧ, ୨୩।୫(ସମିସ):** କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ୨୬ ନଂ ବୁଥ୍ କପାସିରା ଦାୟିତ୍ୱରେ ଥିବା ସମସ୍ତ ୬ ଜଣ ପୋଲିଂ ଅଧିକାରୀଙ୍କୁ ବୌଦ୍ଧ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜେ ସୋନାଲ ନିଲମ୍ବନ ଆଦେଶ ଦେଇଛନ୍ତି। ଦାୟିତ୍ୱରେ ଅବହେଳା ଅଭିଯୋଗରେ ଜିଲ୍ଲାପାଳ ଏହି ନିଲମ୍ବନ ଆଦେଶ ଦେଇଛନ୍ତି। ନିଲମ୍ବିତ ହୋଇଥିବା ଅଧିକାରୀମାନେ ହେଲେ ବୌଦ୍ଧ ଲିଡ୍ ବ୍ୟାଙ୍କ ଫିଲ୍ଡ ଅଫିସର ଅନନ୍ତ ରାମକୃଷ୍ଣ ସାହୁ, ଘଣ୍ଟାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସତ୍ୟନାରାୟଣ ପଣ୍ଡା, ଡାଙ୍ଗମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପୁରୁଷୋତ୍ତମ ମହଲା, ଦପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ ପଟେଲ, ଚାରିଛକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଲିଙ୍ଗରାଜ କହଁର ଏବଂ ଶୁଣ୍ଠିପଦର ଉଚ୍ଚ ବିଦ୍ୟାଳୟର ରବୀନ ବସ୍ତିଆ। ସୂଚନାଯୋଗ୍ୟ, ୨୦ ତାରିଖ ଅନୁଷ୍ଠିତ ନିର୍ବାଚନରେ ଏହି ବୁଥ୍‌ରେ ବିଶୃଙ୍ଖଳା ଯୋଗୁଁ ନିର୍ବାଚନ ବାତିଲ କରାଯାଇଥିଲା। ଗୁରୁବାର ସାନି ନିର୍ବାଚନ ଅନୁଷ୍ଠିତ ହୋଇଛି।

## ୫ଦିନ ହେବ ଅନ୍ଧାରରେ ୩୫ ପରିବାର

**ଶଗଡ଼ା, ୨୩।୫(ସମିସ):** ସରକାର ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଲୋକେ ବିଦ୍ୟୁତ୍ ଭଳି ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। କନ୍ଧମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ପଦ୍ମତୋଲି ଗ୍ରାମରେ ଏହି ସମସ୍ୟା ଲାଗି ରହିଛି। ଗତ ୫ଦିନ ହେବ ଟ୍ରାନ୍ସଫର୍ମରର ଫ୍ୟୁଜ୍ ତାରଟି ଛିଣ୍ଡି ଯାଇଛି। ଫଳରେ ଆଜକୁ ୫ଦିନ ହେବ ଗ୍ରାମର ୩୫ ପରିବାର ଅନ୍ଧାରରେ ରହୁଛନ୍ତି। ଫ୍ୟୁଜ୍ ମରାମତି ପାଇଁ ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ ଫୋନ୍ କଲେ ମଧ୍ୟ ଯିବା ଯିବା କହି ଦିନ ଗଡ଼ାଇ ଚାଲିଛନ୍ତି।

## ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ



**ଜହ୍ନାପଙ୍କ, ୨୩।୫(ସମିସ):** ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ବଲାସିଙ୍ଗା ମହୁଲମୂଳ ମହିମା ଆଶ୍ରମରେ ମହିମା ବିକାଶ ପରିଷଦ ପକ୍ଷରୁ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। ମହିମା ବିକାଶ ପରିଷଦ ସଭାପତି ବିଭୁତି ଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ସାଧାରଣ ସଭାରେ ସମ୍ପାଦକ ସାଧୁ କୁଳଧର ଦାସ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଏଥି ସହ ସେ ସନ୍ଥ କବିଙ୍କ ଜୀବନୀ ଓ ତାଙ୍କର କାଳଜୟୀ ବାଣୀ, ସାହିତ୍ୟ ଓ ମହିମା ଧର୍ମ ଉପରେ ଆଲୋକପାତ କରିଥିଲେ। ସାମାଜିକକର୍ମୀ କୃତ୍ତିବାସ ପଲିଆ ଅତିଥି ଭାବେ ଯୋଗ ଦେଇଥିଲେ। ଆଶ୍ରମର ଅନ୍ୟତମ ସାଧୁ କୃଷ୍ଣ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ଆନନ୍ଦ ମୂର୍ତ୍ତିଙ୍କ ଜୟନ୍ତୀ

**ବୌଦ୍ଧ, ୨୩।୫(ସମିସ):** ବୌଦ୍ଧ ସଦର ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟାସ୍ଥିତ ଆନନ୍ଦ ମାର୍ଗ ଆଶ୍ରମରେ ତାରକ ବ୍ରହ୍ମ ବାବା ଶ୍ରୀ ଶ୍ରୀ ଆନନ୍ଦ ମୂର୍ତ୍ତିଙ୍କ ୧୦୩ତମ ଜନ୍ମ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଆଶ୍ରମରେ ଗୁରୁ ପୂଜନ, କୀର୍ତ୍ତନ, ଧ୍ୟାନ, ଶାନ୍ତିପାଠ ସହ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ଲବ ବେହେରା, କେଦାରନାଥ ସାହୁ, ଆକୁଳ ସ୍ୱାଇଁ, ବିଦ୍ୟାଧର ସ୍ୱାଇଁ, ଆଦିତ୍ୟ ପ୍ରଧାନ, ଭୁକ୍ତି ପ୍ରମୁଖ ବିରୂପାକ୍ଷ ସ୍ୱାଇଁ, ମନରଞ୍ଜନ ପୁରୋହିତ, କୃତ୍ତିବାସ ପଲିଆ ପ୍ରମୁଖ ସହଯୋଗ କରିଥିଲେ।



## ନିଃଶୁଳ୍କ କମ୍ପ୍ୟୁଟର ଶିକ୍ଷା ଆରମ୍ଭ



**ମନମୁଣ୍ଡା, ୨୩।୫(ସମିସ):** ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଁଦିଲ୍ଲୀ ତରଫରୁ ମନମୁଣ୍ଡା ଶାଖା କାର୍ଯ୍ୟାଳୟରେ ନିଃଶୁଳ୍କ କମ୍ପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମନମୁଣ୍ଡା ସୁପର ମାର୍କେଟ କମ୍ପ୍ଲେକ୍ସ ନଂ ୨୧ରେ ଥିବା ଶାଖା କାର୍ଯ୍ୟାଳୟରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ବସନ୍ତ ସୋସିଆଲ ଫାଉଣ୍ଡେସନର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଭାରତୀୟ ବ୍ୟାଙ୍କ୍ ସଂଘ, ନୂଆଁଦିଲ୍ଲୀର ବରିଷ୍ଠ ପରାମର୍ଶଦାତା ବିକାଶ ନାରାୟଣ ମିଶ୍ର ଯୋଗ ଦେଇଥିଲେ। କନ୍ଧମାଳ ସାମ୍ବାଦିକ ସଂଘ ସଭାପତି ତଥା ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘ ଉପ ସଭାପତି ବୈଦ୍ୟନାଥ ହୋତା ପରିଚାଳନା କରିଥିଲେ।

## ୬ ମାସ ହେଲା ମରାମତି ପାଇଁ ଯାଇଛି ସ୍ୱର୍ଗରଥ

**ତରଭା, ୨୩।୫(ସମିସ):** ତରଭା ଏନ୍‌ଏସିରେ ଥିବା ସ୍ୱର୍ଗରଥ ୬ମାସ ତଳେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଆଜି ପର୍ଯ୍ୟନ୍ତ ତାହା କିନ୍ତୁ ମରାମତି ହୋଇ ଫେରିନାହିଁ। ବୁଧବାର ତରଭା ଶବ ବ୍ୟବଚ୍ଛେଦ କେନ୍ଦ୍ରରୁ ଜଣେ ମହିଳାଙ୍କ ଶବ ସ୍ୱର୍ଗଦ୍ୱାର ନେବା ପାଇଁ ସ୍ୱର୍ଗରଥ ନ ମିଳିବାରୁ ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତା ବଲାଙ୍ଗୀରରୁ ସ୍ୱର୍ଗରଥ ମଗାଇଥିଲେ। ତେବେ ୬ମାସ ହେଲା ସ୍ୱର୍ଗରଥ ତରଭା ଜନସାଧାରଣଙ୍କ ସେବାରେ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ବନ୍ଧରେ ଏନଏସି ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଉପ ନଗରପାଳ ଗଗନ ଅଗ୍ରୱାଲଙ୍କୁ ପଚାରିବାରୁ ମରାମତି ପାଇଁ ଯାଇଛି। ୧୦ ଦିନ ମଧ୍ୟରେ ଆସିଯିବ ବୋଲି କହିଛନ୍ତି।

## ବୁଦ୍ଧ ଜୟନ୍ତୀରେ ବୌଦ୍ଧ ଜିଲ୍ଲାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ହରଭଙ୍ଗା, ୨୩।୫(ସମିସ)

ବୌଦ୍ଧ ଧର୍ମ ଓ ଅନେକ କୀର୍ତ୍ତିରାଜିକୁ ନେଇ ବୌଦ୍ଧ ଜିଲ୍ଲା ପରିକଳ୍ପନା କରାଯାଇଛି। ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ବୌଦ୍ଧ ଜିଲ୍ଲା ବ୍ୟତୀତ କୌଣସି ଜିଲ୍ଲା କୌଣସି ଧର୍ମ ନାମରେ କଳ୍ପନା କରାଯାଇନାହିଁ। ବୌଦ୍ଧ ଜିଲ୍ଲାରେ ଭଗବାନ ବୁଦ୍ଧ ଅଥବା ବୌଦ୍ଧ ଧର୍ମର ପ୍ରଚାରକ ବୁଦ୍ଧଙ୍କ ଅନେକ କୀର୍ତ୍ତିରାଜି ଭରପୁର। ଗୁରୁବାର ବୁଦ୍ଧ ପୂର୍ଣ୍ଣିମା ଓ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ଅବସରରେ ବୌଦ୍ଧ ଜିଲ୍ଲାର ପ୍ରତ୍ୟକ ଗ୍ରାମ ଉତ୍ସବ ମୁଖର ହୋଇଥିଲା। କେତେକ ସ୍ଥାନରେ ନାମ ସଂକୀର୍ତ୍ତନ ସହ ପୂଜା ପାଠ ହୋଇଥିଲା। ହରଭଙ୍ଗା ବ୍ଲକର କେଳାକଟାସ୍ଥିତ ଭୀମ ପାହାଡ଼ରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୂଜା ପାଠ ହୋଇଥିଲା। ବୌଦ୍ଧସ୍ଥିତ ବୁଦ୍ଧ ପାର୍କରେ ଭଗବାନ ବୁଦ୍ଧଙ୍କ ପୂଜାର୍ଚ୍ଚନା ହୋଇଛି। ପ୍ରଗଲପୁରରେ ଗ୍ରାମବାସୀଙ୍କ ଦ୍ୱାରା ୧୮ ତାରିଖରୁ ନାମ ସଂକୀର୍ତ୍ତନ, ନାଚଗୀତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷେ ଶ୍ୟାମସୁନ୍ଦରପୁର, ପର୍ଗଲପୁର, ଶାଳକଟାରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।





ସୂଚନାଯୋଗ୍ୟ, ପୂର୍ବତନ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ବୌଦ୍ଧ କୀର୍ତ୍ତିର ବିକାଶ ଦିଗରେ ୨୦୨୧/୨୨ରେ ବୌଦ୍ଧ ଜିଲ୍ଲାରେ ଦୁଇ ପ୍ରବେଶ ପଥ ହରଭଙ୍ଗା ବ୍ଲକ ମାଧପୁର ଓ କନ୍ଧମାଳ ବ୍ଲକ ମନମୁଣ୍ଡାରେ ବୁଦ୍ଧ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ; କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ସ୍ଥାନଗୁଡିକ ଅବହେଳିତ ହୋଇପଡ଼ିଛି। ସେହିପରି ପ୍ରଗଲପୁର ଝରା ସାହି ଓ ଶ୍ୟାମସୁନ୍ଦରପୁର ଗ୍ରାମରେ ଥିବା ବୌଦ୍ଧ ମୂର୍ତ୍ତି ତଥା କୀର୍ତ୍ତିରାଜି ଉପରେ ପ୍ରଶାସନର ଦୃଷ୍ଟି ପଡ଼ିନି।

## ମହିଳାଙ୍କ ଆତ୍ମହତ୍ୟା

**ବାଉଁଶୁଣୀ, ୨୩।୫(ସମିସ):** ବୌଦ୍ଧ ଥାନା ଡିଡିଙ୍ଗାପଦର ଗ୍ରାମରେ ବିଷ ପିଇ ଗୁରୁତର ଅବସ୍ଥାରେ ବୌଦ୍ଧ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ମହିଳା ଜଣକ ହେଲେ ମୁର୍ଶୁଣ୍ଡି ପଞ୍ଚାୟତ ଭାଲିଆପଦର ଗ୍ରାମର ହିମାଂଶୁ ନାଏକଙ୍କ ଝିଅ ସାବିତ୍ରୀ ନାଏକ। ସେ ଆମ୍ବଝରୀ ପଞ୍ଚାୟତ ଡିଡିଙ୍ଗା ପଦର ଗ୍ରାମର ସୁଶୀଳ ନାଏକଙ୍କୁ ୪ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦୁଇଟି ପିଲା ଅଛନ୍ତି।

### ■ ତରଭା ଗୀତାଞ୍ଜଳି ନାଏକ ଆତ୍ମହତ୍ୟା ଘଟଣା

## ଆସିଲେନି ପରିବାର; ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

**ତରଭା, ୨୩।୫(ସମିସ):** ତରଭା ଏନ୍‌ଏସି ବଡ଼ବନ୍ଧ ଆଡିରେ ଘର କରି ରହୁଥିବା ଯୁଧିଷ୍ଠିର ନାଏକଙ୍କ ପତ୍ନୀ ଗୀତାଞ୍ଜଳି(୩୫)ଙ୍କୁ ଭାଇବନ୍ଧୁଙ୍କ କାନ୍ଧ ମିଳିନି। ସମ୍ପର୍କୀୟ ନ ଆସିବାରୁ ତାଙ୍କ ସ୍ୱାମୀ ଏବଂ ଭାଇ ମିଶି କେତେକ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଶବ ସତ୍କାର କରିଛନ୍ତି।

ମଙ୍ଗଳବାର ଅପରାହ୍ନ ୪ ଟାରେ ଘରେ ବେକରେ ଶାଢି ଲଗାଇ ସେ ଆତ୍ମହତ୍ୟା କରିଥିଲେ। ପୁଲିସ ଶବ ଉଦ୍ଧାର କରି ବୁଧବାର ବ୍ୟବଚ୍ଛେଦ କରାଇଥିଲା। ନିଜ ଭାଇ ବନ୍ଧୁଙ୍କ ସହ ଯୁଧିଷ୍ଠିରଙ୍କ ଭଲ ସମ୍ପର୍କ ନ ଥିବାରୁ ଶବ ସତ୍କାର ସକାଶେ କେହି ଆସି ନ ଥିଲେ। ତରଭା ମାହେଶ୍ୱରୀ ସଂଗଠନର ସଭାପତି ପ୍ରଦୀପ ମେହେରଙ୍କ ନିକଟକୁ ଏ ଖବର ଯାଇଥିଲା। ଶ୍ରୀ ମେହେର ପ୍ରଥମେ ତରଭା ଏନଏସିରେ ଥିବା ସ୍ୱର୍ଗରଥ ପାଇଁ ଯୋଗାଯୋଗ କରିଥିଲେ; ହେଲେ ଦୁର୍ଘଟଣାଗ୍ରସ୍ତ ହୋଇ ୬ ମାସ ହେଲା ମରାମତି ପାଇଁ ଯାଇଥିବା ତାଙ୍କୁ କୁହାଯାଇଥିଲା। ପରେ ସେ ବଲାଙ୍ଗୀରରୁ ସ୍ୱର୍ଗରଥ ଅଣାଇଥିଲେ। ଗୀତାଞ୍ଜଳିଙ୍କ ସ୍ୱାମୀ ଯୁଧିଷ୍ଠିର ଓ ଭାଇ ରମାକାନ୍ତ ସାହୁ ସ୍ୱର୍ଗରଥରେ ଗୀତାଞ୍ଜଳିଙ୍କ ଶବ ନେଇ ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ସଂଗଠନର କର୍ମକର୍ତ୍ତା ଶବ ସତ୍କାର କରିଥିଲେ। ଏଥିରେ ଶ୍ରୀ ମେହେରଙ୍କ ସହ ରିଙ୍କୁ ବଗର୍ତ୍ତୀ, ସୁମିତ ମେହେର, ବିଜ୍ଞାନ ମିଶ୍ର, ମନୋଜ ନାଏକ, ଆଶୁତୋଷ ମାହାଣାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।



## ସତ ହେଲା ଆଶଙ୍କା

# ଜୟନ୍ତୀରେ ଫୁଲମାଳଟିଏ ବି ପାଇଲେନି ବୁଦ୍ଧ

**ମନମୁଣ୍ଡା, ୨୩।୫(ସମିସ):**ଭଗବାନ ବୁଦ୍ଧଙ୍କ ଜୟନ୍ତୀ ଗୁରୁବାର ସବୁଆଡ଼େ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ବୌଦ୍ଧ ଜିଲ୍ଲା ପ୍ରଶାସନ



ତରଫରୁ ମନମୁଣ୍ଡା ତେଲ ନଦୀ ସେତୁ ତଥା ଜାତୀୟ ରାଜପଥ ୫୭ କଡରେ ଥିବା ବୁଦ୍ଧ ପାର୍କରେ କିନ୍ତୁ ବୁଦ୍ଧଙ୍କ ଗଳାରେ ଫୁଲମାଳଟିଏ ପଡ଼ି ପାରିନି।

ଏହି ପାର୍କରେ ବିରାଟକାୟ ବୁଦ୍ଧ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାର୍କ ଉଜୁଡି ଯାଇଛି। କେବଳ ଯାହା ବୁଦ୍ଧ ମୂର୍ତ୍ତିଟି ଠିଆ ହୋଇ ରହିଛି। ଗୁରୁବାର ବୁଦ୍ଧ ଜୟନ୍ତୀ ଅବସରରେ ପ୍ରଶାସନ ପକ୍ଷରୁ ସଫା ସୁତୁରା କରି ବୁଦ୍ଧଙ୍କ ପୂଜାର୍ଚ୍ଚନା କରାଯିବ

### ପୂଜ୍ୟପୂଜାର ଅସମ୍ମାନ କରୁଛି ପ୍ରଶାସନ

ବୋଲି ଲୋକେ ଆଶା ବାନ୍ଧିଥିଲେ। ତେବେ ବୁଧବାର ସୁଦ୍ଧା ସଫାସୁତୁରା ହୋଇ ନ ଥିଲା। ଏଣୁ ପୂଜାର୍ଚ୍ଚନା ତ ଦୂର କଥା ଭଗବାନ ବୁଦ୍ଧ ଫୁଲମାଳଟିଏ ପାଇବେ କି ନାହିଁ ଆଶଙ୍କା ପ୍ରକାଶ ପାଇଥିଲା। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଗୁରୁବାର ଆଶଙ୍କା ସତ ହୋଇଥିଲା। ପ୍ରଶାସନର ଚେତା ଫେରିଲା ନାହିଁ। ନିଜ ଜୟନ୍ତୀରେ ଭଗବାନ ବୁଦ୍ଧ ପୂଜା ପାଇବା ତ ଦୂର କଥା ଫୁଲମାଳଟିଏ ମଧ୍ୟ ପାଇବାରୁ ବଞ୍ଚିତ ହେଲେ। ଯାହାଙ୍କ ନାମରେ ବୌଦ୍ଧ ଜିଲ୍ଲା ନାମିତ ତାଙ୍କ ଜୟନ୍ତୀରେ ପ୍ରଶାସନ ତାଙ୍କ ପ୍ରତି ଅବହେଳା ଓ ଅସମ୍ମାନ କରିଛି।

# କେନ୍ଦୁପତ୍ର ଉପରେ ଜିଏସ୍‌ଟି ପ୍ରତ୍ୟାହାର କରୁନି କେନ୍ଦ୍ର ବିଜେପି

## ନିର୍ବାଚନ ସମୟରେ ବୋନସ୍, ଦରବୃଦ୍ଧି କଥା କହି ଭୂତାଉଛି

**ସମ୍ବଲପୁର, ୨୩।୫(ସମିସ)**

ଦେଶରେ ଚଳିତ ନିର୍ବାଚନରେ କେନ୍ଦୁପତ୍ର କର୍ମଚାରୀମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଉଛି। ବିଜେପି ମଧ୍ୟ ନିର୍ବାଚନ ପାଇଁ କେନ୍ଦୁପତ୍ର ଓ ବିଡ଼ି ଉପରେ ଅତ୍ୟଧିକ ଜିଏସଟି ଲଗାଇଛି। ଫଳରେ କେନ୍ଦୁପତ୍ର କର୍ମଚାରୀ, ବିଡ଼ି କାରିଗର, ଶ୍ରମିକ, ସିଜିନାଲ କର୍ମଚାରୀ ପ୍ରଭାବିତ ହେଉଛନ୍ତି। ବଡ ବଡ ବିଡ଼ି କମ୍ପାନୀ ମଧ୍ୟ ବନ୍ଦ ହେବାକୁ ବସିଛି। ଚୋରା କେନ୍ଦୁପତ୍ର ଚାଲାଣ ବୃଦ୍ଧି ପାଇଛି ବୋଲି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଉପ ସଭାପତି ଗୋକୁଳ ମେହେର କହିଛନ୍ତି। ସେ ଆହୁରି କହିଥିଲେଯେ ବର୍ତ୍ତମାନ ଦେଶ ତଥା ରାଜ୍ୟରେ ଗଣତନ୍ତ୍ରର ପର୍ବ ନିର୍ବାଚନ ଚାଲିଛି। ଏହି ନିର୍ବାଚନ ଦେଶ ଓ ରାଜ୍ୟ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ନିର୍ବାଚନ ପର୍ବରେ ଦେଖାଯାଉଛି ଯେ ଦେଶରେ ଲାଗୁ ହୋଇଥିବା ପେଶା ଆଇନ ୧୯୯୬ ଓ ଜଙ୍ଗଲ ଅଧିକାର ଆଇନ ୨୦୧୬ ଉପରେ ଦଳୀୟ ନେତାମାନେ କହୁଛନ୍ତି। ଜଙ୍ଗଲରୁ ସଂଗୃହୀତ ୮୯ ଲଘୁ ବନଜାତ ଦ୍ରବ୍ୟ ଗୁଡ଼ିକୁ ସ୍ଥାନୀୟ ଅଧିବାସୀମାନେ ସଂଗୃହୀତ କରି ନିଜର ଗୁଜରାଣ ମେଣ୍ଟାନ୍ତି। ଜୀବନ ଜୀବିକା ନିର୍ବାହ କରନ୍ତି। ଲାଭବାନ ହେବେ କିନ୍ତୁ କେନ୍ଦ୍ର ସରକାର ଏଥିପାଇଁ ଦ୍ରବ୍ୟ ଖରିଦ କରିବା ବ୍ୟବସ୍ଥା କଲେ ନାହିଁ। ସମ୍ବଲପୁରୀ ଭାଷାରେ 'ଦେଖିନି ସୁନ୍ଦର' ଭଳି ଆଇନ କଲେ। କେନ୍ଦୁପତ୍ର ସଂସ୍ଥାରେ ପ୍ରବଳ ଗ୍ରୀଷ୍ମ ଋତୁରେ ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି, ସିଜନାଲ କର୍ମଚାରୀ, ବନ୍ଧାଳି ଓ ଅନ୍ୟାନ୍ୟ ଶ୍ରମିକ ମାନେ କାର୍ଯ୍ୟ କରି ନିଜର ଗୁଜରାଣ ମେଣ୍ଟାଇବା କାମ କରନ୍ତି ଓ ଲୋକ ଉପକୃତ ହେଉଛନ୍ତି। ପ୍ରକ୍ରିୟାକୁ ୧୯୭୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସମୟରେ ଘରୋଇକରଣରୁ ଜାତୀୟକରଣ ହୋଇ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଥିଲେ। ଏହାର ଲାଭ ଶ୍ରମିକ ଏବେ ମଧ୍ୟ ପାଉଛନ୍ତି। ବିଡମ୍ବନା ଯେ ବିଗତ ଦିନରେ କେନ୍ଦ୍ରରେ ବିଜେପି ସରକାର କେନ୍ଦୁପତ୍ର ଉପରେ ଜିଏସଟି ୧୮ ଭାଗ ଲାଗୁ ହେଲା। ଏହା ଦ୍ୱାରା କେନ୍ଦୁପତ୍ର ସଂସ୍ଥାରୁ ଲାଭାଂଶ ଆଇନ ଅନୁସାରେ କରୁଥିବା ଅର୍ଥରେ ସଙ୍କଟ ଦେଖା ଦେବାର ଆରମ୍ଭ ହୋଇଛି। ଉଦାହରଣ ସ୍ୱରୂପ ୧୦୦ଟଙ୍କାରେ କେନ୍ଦୁପତ୍ର ବିକ୍ରି ହେଲା। ୧୮ ଭାଗ ଜିଏସଟିରେ କଟିଲା। ବାକି ରହିଲା ୮୨ ଟଙ୍କା ଏଥିରେ ଖରିଦ, ବୁଶ କଟିଙ୍ଗ, ଦରମା, ତୋଳାଳିଙ୍କ ପାଉଣା, ଫଡ଼ିଘର ମରାମତି ବା ନୂତନ ଫଡିଘର ନିର୍ମାଣ ପ୍ରମୁଖ ମିଶି ପ୍ରାୟ ୭୦ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇ ଯାଉଛି।



ବିଶେଷ ଭାବରେ କେନ୍ଦୁପତ୍ର ସଂଗ୍ରହ ପାଣିପାଗ ଉପରେ ନିର୍ଭର କରେ। ଅସୁଲ ଦ୍ୱାରା ଲାଭାଂଶ କମି ଯାଇଥିବାରୁ କେନ୍ଦୁପତ୍ର ଶ୍ରମିକମାନେ ଶ୍ରମିକ ସାମାଜିକ ମଙ୍ଗଳ ପାଣ୍ଠି ପାଇବାରେ ବହୁ ବାଧାବିଘ୍ନ ସୃଷ୍ଟି ହେଉଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏ ବାବଦରେ ବାରମ୍ବାର ଅଭିଯୋଗ ଆନ୍ଦୋଳନ, ଧାରଣା ଦେଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଜିଏସଟି ପ୍ରତ୍ୟାହାର ହେଲା ନାହିଁ। ରାଜ୍ୟ ସରକାର ଦୁଇ ଥର କେନ୍ଦ୍ରକୁ ପ୍ରତ୍ୟାହାର ସକାଶେ ଦେଇଛନ୍ତି। କେନ୍ଦୁପତ୍ରରୁ ରାଜ୍ୟ ସରକାର ଆଉ ଟଙ୍କାଟିଏ ମଧ୍ୟ ନେଉ ନାହାନ୍ତି। ଚଳିତ ନିର୍ବାଚନରେ ଜିଏସଟି ପ୍ରତ୍ୟାହାର ପାଇଁ ବିଭିନ୍ନ ରାଜନୈତିକ ଦଳମାନେ ନିଜ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଇଛନ୍ତି। ବିଜେପି କେରି ଦୁଇ ଟଙ୍କା କରିବା, କଂଗ୍ରେସ ଜିଏସଟି ପ୍ରତ୍ୟାହାର କରିବା ଓ ଗୁରୁତ୍ୱ ଦେଉଥିବାର ନଜିର ଆସିଛି। ବର୍ତ୍ତମାନ ଯାହା ସବୁ ଲାଭ ମିଳୁଛି କେବଳ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଲଗାତାର ଆନ୍ଦୋଳନ ଫଳରେ ଓ ରାଜ୍ୟ ସରକାରଙ୍କ ଠାରେ ପଦାଧିକାରୀମାନଙ୍କ ଚାପ ଫଳରେ ହୋଇ ପାରିଛି। ଏଣୁ କେନ୍ଦ୍ର ସରକାର ତୁରନ୍ତ କେନ୍ଦୁପତ୍ର ସଂସ୍ଥା ଉପରୁ ଜିଏସଟି ପ୍ରତ୍ୟାହାର କରିଲେ ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି, ସିଜନାଲ୍ କର୍ମଚାରୀ, ବନ୍ଧାଇ ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକମାନେ ଲାଭବାନ ହୋଇ ପାରିବେ। ନ ହେଲେ ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ବୋଲି ମେହେର କହିଛନ୍ତି।

# ବୈଶାଖ ପୂର୍ଣ୍ଣିମା ସଙ୍ଗମ ଆଳତି

**ସୋନପୁର, ୨୩।୫(ସମିସ):** ପରମ୍ପରା ଅନୁସାରେ ବୈଶାଖ ପୂର୍ଣ୍ଣିମା ଅବସରରେ ଗୁରୁବାର ରାମେଶ୍ୱର ମନ୍ଦିର ନିକଟସ୍ଥ ପବିତ୍ର ସ୍ୱର୍ଣ୍ଣପ୍ରୟାଗରେ ସଙ୍ଗମ ଆଳତି ଅନୁଷ୍ଠିତ ହୋଇଛି। ତ୍ରିବେଣୀ ସଙ୍ଗମରେ ଭକ୍ତଙ୍କ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳିରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ମହାନଦୀ କୂଳରେ ନିର୍ମିତ ସ୍ୱତନ୍ତ୍ର ପିଣ୍ଡାରେ ପ୍ରଥମେ ପ୍ରଭୁ ରାମେଶ୍ୱର ଏବଂ ଜଳ ଦେବତାଙ୍କୁ ପୂଜା କରା ଯାଇଥିଲା। ପରେ ପୂଜକ ପଣ୍ଡିତ ରାଧେଶ୍ୟାମ ପୁରୋହିତଙ୍କ ଦ୍ୱାରା ସଙ୍ଗମ ଆଳତି ଅନୁଷ୍ଠିତ ହୋଇଥିଲା। ପୂଜକଙ୍କ ବେଦମନ୍ତ୍ରରେ ପ୍ରକମ୍ପିତ ହୋଇ ଉଠିଥିଲା ରାମେଶ୍ୱର ଘାଟ। ପରେ ସମସ୍ତ ଶ୍ରଦ୍ଧାଳୁ ଅତି ଆନନ୍ଦରେ ମହାନଦୀରେ ଦୀପଦାନ କରିଥିଲେ। ପୂଜାକାର୍ଯ୍ୟରେ ଅଧ୍ୟାପକ ଡଃ ସୌରଭ ଖମାରୀ ଏବଂ ପତ୍ନୀ ଆରତି ଖମାରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ସହ କିଶୋର ମେହେର, ବିଘ୍ନରାଜ ପଣ୍ଡା, ମନୋଜ ବାରିକ, ପ୍ରଭୁଦତ୍ତ ରଥ, ଦେବଦତ୍ତ ମହାପାତ୍ର ପ୍ରମୁଖଙ୍କ



ସହଯୋଗରେ ସୁଚାରୁ ରୂପେ ସମସ୍ତ କାର୍ଯ୍ୟ ଂପାଦନ ହୋଇଥିଲା। ବହୁ ମହିଳା ଭକ୍ତ ମଧ୍ୟ ଉପସ୍ଥିତ ରହି ସଙ୍ଗମ ଆଳତି ଦର୍ଶନ କରିଥିଲେ। ସୂଚନାଯୋଗ୍ୟ ପ୍ରତ୍ୟେକ ମାସର ପୂର୍ଣ୍ଣମି ତିଥିରେ ରାମେଶ୍ୱର ଘାଟରେ ସଙ୍ଗମ ଆଳତି ଅନୁଷ୍ଠିତ ହୋଇଥାଏ।

## ବିଦ୍ୟୁତ୍ ଆଘାତରେ ଛାତ୍ର ଗୁରୁତର ଘଟଣା

# ରାସ୍ତାରୋକରୁ ଓହରିଲେ ଗ୍ରାମବାସୀ

- ଆଜିଠୁ ୩୩ କେଭି ବିଦ୍ୟୁତ୍ ତାର ଘୁଞ୍ଚିବ
- ଚିକିତ୍ସା ପାଇଁ ୨ ଲକ୍ଷ ଟଙ୍କା ଦେବ ବିଦ୍ୟୁତ୍ ବିଭାଗ
- ପ୍ରଶାସନ ମଧ୍ୟ ସହଯୋଗ କରିବ ବୋଲି ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

**ନୂଆପଡ଼ା/ଖଡ଼ିଆଳ, ୨୨।୫ (ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ଥାନା ଡୁଆଝର ଗ୍ରାମର ଦଶମ ଶ୍ରେଣୀ ଛାତ୍ର କୁନାଲ ମେହେର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଏବେ ସେ ରାୟପୁରରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଗ୍ରାମବାସୀ ୨ ଦୁଇ ଦିନ ଧରି ରାସ୍ତା ରୋକ ଚଳାଇଥିଲେ। ଶେଷରେ ଦାବି ପୂରଣ ହେବା ପରେ ୩୬ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ତାଙ୍କର ଚିକିତ୍ସା ସହାୟତା ଦାବି ନେଇ ଗ୍ରାମବାସୀ ୨୨ ତାରିଖ ସକାଳ ୯ଟାରୁ ଖଡ଼ିଆଳ-ସିନାପାଲି ମୁଖ୍ୟ ରାସ୍ତାକୁ ୨ ଦିନ ଧରି ଅବରୋଧ କରିଥିଲେ। ପ୍ରଥମ ଦାବି ଅନୁସାରେ ଶୁକ୍ରବାରଠାରୁ ୩୩ କେଭି ବିଦ୍ୟୁତ୍ ତାରକୁ ଜନବସତିଠାରୁ ଦୂରକୁ ଘୁଞ୍ଚାଇବା କାର୍ଯ୍ୟ ଆରମ୍ଭ ହେବ। ଦ୍ୱିତୀୟ ଦାବି ଅନୁସାରେ ଚିକିତ୍ସା ସହାୟତା ବାବଦକୁ ତାଙ୍କ ପିତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ମେ ମାସ ଶେଷ ସୁଦ୍ଧା ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ଲିଖିତ ଭାବରେ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି। ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ପ୍ରସାଦ ବେହେରା, ଖଡ଼ିଆଳ ତହସିଲଦାର ନରସିଂ ଗଡ଼ବା, ଖଡ଼ିଆଳ ଆଇଆଇସି ପ୍ରଦୀପ ଧରୁଆ, ଡୁଆଝର ସରପଞ୍ଚ ଜିତୁ କୁମ୍ଭାର, ଆଇନଜୀବୀ ଯୁଧିଷ୍ଠିର ମେହେର, ଇନ୍ଦ୍ରା ମେହେର, ବିକ୍ରମ ମେହେର ପ୍ରମୁଖ ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ଜିଲ୍ଲାପାଳ ହେମକାନ୍ତ ସୟ ମଧ୍ୟ ହସ୍ତକ୍ଷେପ କରିଛନ୍ତି। ରାୟପୁରସ୍ଥିତ ଏକ ହସ୍ପିଟାଲରେ ତାଙ୍କର ପ୍ଲାଷ୍ଟିକ ସର୍ଜରୀ କରାଯିବ। ଏଥିପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ଖର୍ଚ୍ଚ ବହନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ଗ୍ରୀଷ୍ମ ଅବକାଶରେ ମଧ୍ୟ ଶିକ୍ଷାଦାନ ଜାରି

# ଘର ଘର ବୁଲି ତଦାରଖ କରୁଛନ୍ତି ଶିକ୍ଷକ

**ନୂଆପଡ଼ା, ୨୩।୫(ସମିସ):** ଗ୍ରୀଷ୍ମ ଅବକାଶ ସମୟରେ ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀ ଯେମିତି ପାଠ ପଢ଼ାରୁ ଦୂରେଇ ନ ରହନ୍ତି ସେଥି ସକାଶେ ଶିକ୍ଷକମାନେ ଘରକୁ ଘର ବୁଲି ପାଠ ପଢ଼ା ଅନୁଧ୍ୟାନ କରୁଛନ୍ତି। ନୂଆପଡ଼ା ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ



ଘରକୁ ଘର ବୁଲି ସେମାନଙ୍କ ଗ୍ରୀଷ୍ମକାଳୀନ ଗୃହକାର୍ଯ୍ୟର ନିରନ୍ତର ତଦାରଖ କରୁଛନ୍ତି। ବ୍ଲକରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ, ଗ୍ରୀଷ୍ମ ଅବକାଶ ସମୟରେ ପାଠ ପଢ଼ା ପ୍ରତି ମନୋନିବେଶ କରାଇବା, ଶୈକ୍ଷିକ ଅଗ୍ରଗତି ନିମନ୍ତେ ନ୍ୟସ୍ତ ଗୃହ କାର୍ଯ୍ୟ ନିୟମିତ କରୁଛନ୍ତି କି ନାହିଁ ତଦାରଖ କରିବା, ଗ୍ରାମାଞ୍ଚଳରେ ଶିକ୍ଷାର ବ୍ୟବସ୍ଥା ସୁଦୃଢ଼ କରିବା, ଅଭିଭାବକଙ୍କୁ ଶିକ୍ଷାପ୍ରତି ସଚେତନ କରିବା, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସନ୍ଦେହ ଦୂର କରିବା କରିବା ଏବଂ ଶିକ୍ଷଣ ସମ୍ବନ୍ଧୀୟ ସର୍ବନିମ୍ନ ଦକ୍ଷତା ହାସଲ କରାଇବା ଉଦ୍ଦେଶ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରୟାସ ଚଳାଇଛନ୍ତି। ସମସ୍ତ ବିଦ୍ୟାଳୟ ଗୁଡିକରେ ଶିକ୍ଷକମାନେ ପାଳି କରି ଆସୁଥିବାବେଳେ ପିଲାଙ୍କ ଘରକୁ ଘର ବୁଲି ଖାତା ସବୁ ଯାଞ୍ଚ କରୁଛନ୍ତି। ପିଲାମାନେ ଯେଉଁ ବିଷୟ ବୁଝି ପାରନ୍ତି ନାହିଁ ସେ ସବୁ ଶିକ୍ଷକମାନଙ୍କୁ ପଚାରି ବୁଝୁଥିବା ଦେଖାଯାଉଛି। ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଚାଲିଥିବା ଏହି ପ୍ରଚେଷ୍ଟାକୁ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ସାଧନ କେନ୍ଦ୍ର ସଂଯୋଜକ ପ୍ରମୁଖ ନିୟମିତ ତଦାରଖ କରୁଛନ୍ତି।

# ବାଇକ୍-ସ୍କୁଟି ଧକ୍କାରେ ଦୁଇ ଗୁରୁତର

**ବାଉଁଶୁଣି, ୨୩।୫(ସମିସ):** ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ କନକପୁର ଛକ ନିକଟ ୫୭ ନମ୍ବର ଜାତୀୟ ରାଜପଥର ସାହାଜପାଲ ଛକ ନିକଟରେ ଗୁରୁବାର ଦିନ ୧୧ଟାରେ ବାଇକ୍ ଓ ସ୍କୁଟି ମଧ୍ୟରେ ଧକ୍କା ହୋଇଛି। ଏହା ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ବୌଦ୍ଧ ଥାନା ପଲାଶ ଅଞ୍ଚଳର ଜଣେ ଯୁବକ ତାଙ୍କ ମାଆଙ୍କ ସହ ବାଇକ୍ ବାଉଁଶୁଣି ଅଞ୍ଚଳକୁ ଯାଉଥିଲେ। ତାଳସରଡ଼ା ପଞ୍ଚାୟତ କନକପୁର ଗ୍ରାମର ଧର୍ମରାଜ ପ୍ରଧାନଙ୍କ ସ୍କୁଟି ସହ ସାହାଜପାଲ ଛକ ନିକଟରେ ଧକ୍କା ହୋଇଥିଲା। ଫଳରେ ବାଇକରେ ଥିବା ମା' ଓ ପୁଅ ଗୁରୁତର ଆହତ ହୋଇଥିଲେ। ସ୍କୁଟି ଚାଳକ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ମହେଶ୍ୱରପିଣ୍ଡା, କିରାସିରାରେ ସାନି ମତଦାନ ଶାନ୍ତିପୂର୍ଣ୍ଣ





**ବୌଦ୍ଧ/ଶଗଡ଼ା/ମନମୁଣ୍ଡା, ୨୩।୫(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବିଧାନସଭାନିର୍ବାଚନ ମଣ୍ଡଳୀ ରକ୍ସା (ଦହ୍ୟା) ପଞ୍ଚାୟତ ମହେଶ୍ୱରପିଣ୍ଡା ଓ କିରାସିରା ବୁଥ୍‌ରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ସାନି ମତଦାନ ଶେଷ ହୋଇଛି। ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସକାଳ ୭ଟାରୁ କନ୍ଧମାଳ ଲୋକସଭା ଆସନ ଓ କଣ୍ଟାମାଳ ବିଧାନସଭା ଆସନ ପାଇଁ ସାନି ମତଦାନ ଅନୁଷ୍ଠିତ ହୋଇଥିଲା। ବୁଥ ନମ୍ବର-୨୬ କିରାସିରାରେ ୫୨୯ ଜଣ, ବୁଥ ନମ୍ବର-୨୮ ମହେଶ୍ୱରପିଣ୍ଡାରେ ୧୧୮୪ ଜଣ ଭୋଟରରୁ ବୁଥ୍ ନମ୍ବର-୨୬ କିରାସିରରେ ୪୫୭ ଜଣ ମତଦାନ କରିଥିଲେ। ୮୬ ପ୍ରତିଶତ ମତଦାନ ହୋଇଛି। ବୁଥ ନମ୍ବର-୨୮ ମହେଶ୍ୱରପିଣ୍ଡାରେ ୯୧୮ ଜଣ ମତଦାନ କରିଥିବାବେଳେ ୭୭ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଶାନ୍ତିପୂର୍ଣ୍ଣ ଓ ଅବାଧ ମତଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଉଭୟ ବୁଥ୍‌ରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ୨୦ ତାରିଖ ମତଦାନ ସମୟରେ ଉଭୟ ବୁଥ୍‌ରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁସାରେ ଗୁରୁବାର ପୁନଃ ମତଦାନ ଅନୁଷ୍ଠିତ ହୋଇଛି। କିରାସିରା ବୁଥ୍‌ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ମହେଶ୍ୱରପିଣ୍ଡା ବୁଥ୍‌ରେ ଅପରାହ୍ନ ପ୍ରାୟ ସାଢେ ୫ଟାରେ ମତଦାନ ସମ୍ପୂର୍ଣ୍ଣ ହୋଇଥିଲା। ଉଭୟ ବୁଥ୍‌ରେ ପୁଲିସ ଛାଉଣୀ ହୋଇଥିଲା। ପୁଲିସ କୁକୁର ମଧ୍ୟ ନିୟୋଜିତ କରାଯାଇଥିଲା। ସେହିପରି ୨୦ ତାରିଖ ମତଦାନ ଦିବସ ଅପେକ୍ଷା ଗୁରୁବାର ବୁଥରେ ଟେଣ୍ଟ, ପାଣି, ଭୋଟରଙ୍କ ପାଇଁ ଚୌକି ଇତ୍ୟାଦି ସୁବନ୍ଦୋବସ୍ତ କରାଯାଇଥିବା ଦେଖିବାକୁ ମିଳିଥିଲା। ଏସ୍‌ପି ରାଜ ପ୍ରସାଦ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ନବନିଯୁକ୍ତ ଅତିରିକ୍ତ ଜିଲାପାଳ ତଥା କଣ୍ଟାମାଳ ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଫିସର ଦିଲୀପ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ବୁଥ୍‌ରେ ଉପସ୍ଥିତ ଥିଲେ।





# କୁସଂସ୍କାର ଦୂର ପାଇଁ ଖୋଲାରାଜ କଲାର ସମାଜର ସଂକଳ୍ପ

## ବାର୍ଷିକ ଅଧିବେଶନରେ କାର୍ଯ୍ୟକାରିଣୀ ଗଠିତ

**ନୂଆପଡ଼ା, ୨୩।୫(ସମିସ):** ରାଜ୍ୟର ସୀମାନ୍ତବର୍ତ୍ତୀ ନୂଆପଡ଼ା ତଥା ପଡ଼ୋଶୀ ଛତିଶଗଡ଼ ରାଜ୍ୟର କଲାରମାନଙ୍କୁ ନେଇ ଗଠିତ ଖୋଲହାରାଜ କଲାର ସମାଜର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲାଞ୍ଜିମାର ଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହିଳାମାନଙ୍କ ଏକ ବିଶାଳ କଳସ ଶୋଭାଯାତ୍ରା ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସଭାପତି ହୀରାଲାଲ ଦଣ୍ଡସେନା ସଭାପତିତ୍ୱ କରିଥିଲେ। ପ୍ରଥମେ କଲାର ସମାଜର ଅଧିଷ୍ଠାତ୍ରୀ ଦେବୀ ସହସ୍ରବାହୁ ଅର୍ଜୁନ ଏବଂ ମାତା ବାହାଦୁର କଲାରିନଙ୍କ ପୂଜାର୍ଚ୍ଚନା କରାଯାଇଥିଲ। ସମାଜରୁ ବିଭିନ୍ନ ପ୍ରକାର କୁସଂସ୍କାର ଦୂର କରି ସମାଜକୁ ଏକ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ଆଗକୁ ନେବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ କଲାର ସମାଜର ସାମାଜିକ କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ହୀରାଲାଲ ଦଣ୍ଡସେନା, ଭାନୁପ୍ରତାପ ଦଣ୍ଡସେନା ଉପସଭାପତି, ଗୋକୁଳ ଦଣ୍ଡସେନା ସମ୍ପାଦକ, ମୁକେଶ ଦଣ୍ଡସନା କୋଷାଧ୍ୟକ୍ଷ, ଗଜେନ୍ଦ୍ର ସିହ୍ନା ସହ ସମ୍ପାଦକ ଭାବରେ ମନୋନୀତ ହୋଇଥିଲେ। ବୈଠକରେ ଉପଦେଷ୍ଟାମଣ୍ଡଳୀ ଓ କୋଷ ନିରୀକ୍ଷକ କମିଟି ମଧ୍ୟ ଚୟନ କରାଯାଇଛି। ଏଥିରେ ଅଡିଟର ଭାବେ ତେଜରାମ ଦଣ୍ଡସେନା, ହେମସିଂ ଦଣ୍ଡସେନା, ତୋରନ



ଦଣ୍ଡସେନା, କମଳ ଦଣ୍ଡସେନା, ଲେଖରାମ ଦଣ୍ଡସେନା ଏବଂ ଉପଦେଷ୍ଟାମଣ୍ଡଳୀରେ ରେଖରାମ ଦଣ୍ଡସେନା, ଓମ୍ ପ୍ରକାଶ କଲାର, ରମଣିକଲାଲ ସିହ୍ନା, ସୁକଧର ଦଣ୍ଡସେନା, ଲେଖନରାମ ଦଣ୍ଡସେନା ପ୍ରମୁଖ ରହିଛନ୍ତି। ଭାନୁପ୍ରତାପ ଦଣ୍ଡସେନା, ଗୋକୁଳ ଦଣ୍ଡସେନା, ଘନାରାମ ଦଣ୍ଡସେନା ପ୍ରମୁଖ ପରିଚାଳନା କରିଥିଲେ।



